ସାପ୍ତାହିକ ସ୍ୱୀକାର
Postal Regd. No.: SBP/RN-01/2022-2024
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ✓ ଶରତ ନାରାୟଣ ବେହେରା
RNI No. 66443/94
Vol.26 | Issue - 38 | 18 - 24 September 2022 | Sambalpur | Page- 8 | Invitation Price Rs.10

# ବେଦାନ୍ତର ବେଆଇନ କାର୍ଯ୍ୟର ସିବିଆଇ ତଦନ୍ତ ଦାବି

ସମ୍ବଲପୁର : ଝାରସୁଗୁଡ଼ାରେ ପ୍ରତିଷ୍ଠିତ ବେଦାନ୍ତ ଆଲୁମିନିୟମ କାରଖାନା ସମସ୍ତ ସରକାରୀ ଆଇନର ଖୋଲାଖୋଲି ଉଲ୍ଲଂଘନ କରି ସମଗ୍ର ଜିଲ୍ଲାକୁ ପ୍ରଦୂଷିତ କରି ବିଭିନ୍ନ ସ୍ଥାନରେ ପାଉଁଶର ସ୍ତୁପ ତିଆରି କରି ଜିଲ୍ଲାବାସୀଙ୍କ ଜୀବନକୁ ବିପଦକୁ ଟାଣିଆଣି ଥିବା ବେଳେ ଏହି କମ୍ପାନୀ ଓଡ଼ିଶାରେ ଆଲୁମିନିୟମ, ଫେରୋକ୍ରୋମ୍ ଓ ଖଣି ବ୍ୟବସାୟରେ ସଂପ୍ରସାରଣ ଲାଗି ପୁଣି ୨୫ ହଜାର କୋଟି ଟଙ୍କା ବିନିଯୋଗ କରିବ ବୋଲି ଘୋଷଣା କରିଛି । ଏହି କମ୍ପାନୀର ସମସ୍ତ ବେଆଇନ କାର୍ଯ୍ୟକୁ ଆଖିବୁଜା ସରକାରୀ ପ୍ରୋତ୍ସାହନ ମିଳୁଥିବାରୁ ଏଥିରେ ଉତ୍ସାହିତ ହୋଇ ବେଦାନ୍ତ ତାର ବ୍ୟବସାୟ ଓଡ଼ିଶାରେ ସଂପ୍ରସାରଣ କରିବାର ନିଷ୍ପତ୍ତି ନେଇଥିବା କୁହାଯାଉଛି ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ପ୍ରାୟ ୮୦ ହଜାର କୋଟି ଟଙ୍କା ବ୍ୟୟରେ ପ୍ରତିଷ୍ଠିତ ବେଦାନ୍ତ ଆଲୁମିନିୟମ ସରକାରୀ ନିୟମ ଅନୁସାରେ ଶତକଡ଼ା ଏକ ଭାଗ ଅର୍ଥ ଲେବର ସେସ୍ ଆକାରରେ ପ୍ରାୟ ୮୦୦ କୋଟି ଟଙ୍କା ଶ୍ରମ ବିଭାଗ ନିକଟରେ ଜମା କରିବା କଥା । କିନ୍ତୁ କମ୍ପାନୀ ତାହା ଏ ପର୍ଯ୍ୟନ୍ତ ପୈଠ କରିନାହିଁ । ସେହିପରି କମ୍ପାନୀ ନଷ୍ଟ କରିଥିବା ଜଙ୍ଗଲର କ୍ଷତିପୂରଣ, ମାଇନର ମିନେରାଲସ୍ ଉପରେ ରୟାଲଟି, କମ୍ପାନିରୁ ନିର୍ଗତ ବିଷାକ୍ତ ଗ୍ୟାସ୍ ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ଚାଷୀମାନଙ୍କୁ କ୍ଷତି ପୂରଣ ତଥା ଜମି ଜବରଦଖଲ ବାବଦରେ ହଜାର ହଜାର କୋଟି ଟଙ୍କା ସରକାରଙ୍କୁ ଦେବା ପାଇଁ ଟାଳଟୁଳ ନୀତି ଅବଲମ୍ବନ କରି ଆସୁଥିବାର ଅଭିଯୋଗ ହୋଇ ଆସୁଛି । ଏତେ ପରିମାଣର ରାଜସ୍ୱ ହାନୀ ହେଉଥିଲେ ମଧ କମ୍ପାନୀ ଠାରୁ ତାହା ଅସୁଲ କରିବା ପାଇଁ ସରକାରୀ ସ୍ତରରେ ସେପରି କିଛି ଆଖି ଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ । ଫଳରେ ସରକାରୀ ପଇସାରେ କମ୍ପାନୀ ତାର ବ୍ୟବସାୟ ଚଳାଇ ଆସୁଛି ।

ବେଦାନ୍ତର ଏହି ସମସ୍ତ ପ୍ରକାର ବେଆଇନ କାର୍ଯ୍ୟର ପ୍ରତିବାଦ କରି ଆସୁଥିବା ଆଞ୍ଚଳିକ ପରିବେଶ ସୁରକ୍ଷା ସଂଘ ପକ୍ଷରୁ ତାର ସଭାପତି ସତ୍ୟନାରାୟଣ ରାଓଙ୍କ ନେତୃତ୍ୱରେ କମ୍ପାନୀ ଜଙ୍ଗଲ ସଂରକ୍ଷଣ ଆଇନ ୧୯୮୦ ଓ ଜଙ୍ଗଲ ଅଧିକାର ଅଧିନିୟମ ୨୦୦୬ ର ଉଲ୍ଲଂଘନ କରାଯାଉଥିବା ସହିତ କାରଖାନା ବେଆଇନ ଭାବରେ ଜଙ୍ଗଲ ନଷ୍ଟ କରୁଥିବାରୁ ହଜାର ହଜାର ଆଦିବାସୀଙ୍କ ଜୀବନ ଜୀବିକା ପ୍ରଭାବିତ ହେଉଥିବା




ଅଭିଯୋଗ କରି ନିକଟରେ ଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରିଛି ।

ଇତି ମଧରେ ଝାରସୁଗୁଡ଼ାର ପ୍ରସ୍ତାବିତ ଆଲୁମିନିୟମ ପାର୍କ ସକାଶେ ଜିଲା ପ୍ରଶାସନ




ଓ ଇଡ଼କୋ ପକ୍ଷରୁ କାତିକେଲା ମୌଜାରେ ଗ୍ରାମ୍ୟଜଙ୍ଗଲର ବହୁମୂଲ୍ୟ ଗଛ କାଟିବା ପ୍ରକ୍ରିୟା ଆରମ୍ଭ ହୋଇଛି । ତେବେ ଏଥିପାଇଁ ରହିଥିବା ନୀତିନିୟମକୁ ଜଳାଞ୍ଜଳି ଦିଆ ଯାଇଥିବା ଅଭିଯୋଗ ହୋଇଛି । କମ୍ପାନୀକୁ ଜମି ଦେବା ପାଇଁ ଇଡ଼କୋ ପକ୍ଷରୁ ଜଙ୍ଗଲ ସଂରକ୍ଷଣ ଆଇନ ୧୯୮୦ ଓ ଜଙ୍ଗଲ ଅଧିକାର ଆଇନ ୨୦୦୬ର ଖୋଲା ଉଲଂଘନ ହୋଇଛି । ଅପରପକ୍ଷରେ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ଏହି ଜଙ୍ଗଲ କାଟ ସକାଶେ ମଞ୍ଜୁରୀ ଦେଇନାହିଁ ବୋଲି ପରିବେଶ ସୁରକ୍ଷା ସଂଘ ପକ୍ଷରୁ କୁହାଯାଇଛି ।

ସଂଘର ଅଭିଯୋଗ ଅନୁସାରେ ବେଦାନ୍ତ ପଛପଟେ ଥିବା କାତିକେଲା ମୌଜାର ମୁର୍କାଢୁଡ଼ା ଓ ସାଗରପାଲିଠାରେ ଥିବା ଗ୍ରାମ୍ୟଜଙ୍ଗଲରେ ସମ୍ପ୍ରତି ଗଛ ଗଣନା ଓ ଚିହ୍ନ ଦେବା ପ୍ରକ୍ରିୟା ଜାରି ରହିଛି । ଆନ୍ଦୋଳନରେ ସାମିଲ ଗ୍ରାମବାସୀ କହିଛନ୍ତି ଯେ, ଜଙ୍ଗଲ ପ୍ରାୟ ଦୁଇ ଶହ ଏକର କାଟିବା ପାଇଁ ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ଜାରି ରହିଛି । ହେଲେ ଏଥି ସକାଶେ କେବେ ଗ୍ରାମସଭା ହୋଇ ନାହିଁ କି ନୋଟିସ ଦିଆଯାଇ ନାହିଁ । ଆମେ ପୁରୁଷାନୁକ୍ରମେ ଏହି ଜଙ୍ଗଲକୁ ସୁରକ୍ଷା ଦେବା ସହ ସବୁଜିମା ବଜାୟ ରଖିଛୁ । ହେଲେ ଏବେ ଜଙ୍ଗଲ କାଟି ଏଠାରେ ଆଲୁମିନିୟମ ପାର୍କ ହେବାକୁ ଯାଉଛି



ବୋଲି ଶୁଣିବାକୁ ମିଳୁଛି । ଯାହାକି ଦୁର୍ଭାଗ୍ୟଜନକ ବୋଲି ଗ୍ରାମର ଆଦିବାସୀମାନେ ଉଦ୍‌ବେଗ ପ୍ରକାଶ କରି କହିଛନ୍ତି । ପରିବେଶ ସୁରକ୍ଷା ସଂଘ ପକ୍ଷରୁ କୁହାଯାଇଛି କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ଏହି ଜଙ୍ଗଲ କାଟ ସକାଶେ ମଞ୍ଜୁରୀ ଦେଇନାହିଁ । ନିୟମତଃ ଫରେଷ୍ଟ ଡାଇଭର୍ସନ କରା ନ ଗଲେ କୌଣସି ଗଛ କାଟିବା ଦଣ୍ଡନୀୟ ଅପରାଧ । ପୂର୍ବରୁ ମଧ ଝାରସୁଗୁଡ଼ା ଜିଲ୍ଲାରେ ଏହି କାରଣରୁ ବହୁ ପ୍ରକଳ୍ପର କାମ ବାଧାପ୍ରାପ୍ତ ହୋଇଛି । ଝାରସୁଗୁଡ଼ା ସରକାରୀ ଡାକ୍ତରଖାନା ରାସ୍ତା ପ୍ରଶସ୍ତୀକରଣ ହୋଇ ନ ପାରିବା ତାହାର ଏକ ଉଦାହରଣ । ଏ ପରିପ୍ରେକ୍ଷୀରେ କେଉଁ ପରିସ୍ଥିତିରେ କାତିକେଲା ମୌଜାରେ ଉକ୍ତ ଜଙ୍ଗଲ କଟାଯିବ ବୋଲି ପ୍ରଶ୍ନ କରିଛନ୍ତି । ଏହି ଅଞ୍ଚଳର ଆଦିବାସୀମାନେ ଉକ୍ତ ଜଙ୍ଗଲ ଉପରେ ହିଁ ନିର୍ଭର କରି ପରିବାର ପ୍ରତିପୋଷଣ କରନ୍ତି । ଜଙ୍ଗଲ କଟାଗଲେ ୧୦୦ରୁ ଅଧିକ ଆଦିବାସୀ ପରିବାର ବାସଚ୍ୟୁତ ହେବେ । ବିଗତ ଦିନରେ ଭୁର୍କାମୁଣ୍ଡା ମୌଜାରେ ବେଆଇନ ଭାବେ ୪୮.୬୯ ଏକର ଜଙ୍ଗଲ ଜମିରେ ଥିବା ଲକ୍ଷାଧିକ ଗଛ କାଟି ପାଉଁଶ ପୋଖରୀ କରାଯାଇଥିଲା । ଯେଉଁ ମାମଲା ଜାତୀୟ ସବୁଜ ନ୍ୟାୟାଧିକରଣ (ଏନଜିଟି) କୁ ମଧ ଯାଇଥିଲା । ମାତ୍ର ଜିଲା ପ୍ରଶାସନର ପ୍ରତ୍ୟକ୍ଷ ସହାୟତାରେ କମ୍ପାନୀ ସମସ୍ତ ଆଇନ କାନୁନର ଅବମାନନା କରୁଛି ବୋଲି ସଂଘ ପକ୍ଷରୁ ଅଭିଯୋଗ ହୋଇଛି । କମ୍ପାନୀର ପ୍ରଦୂଷଣ ଫଳରେ ଶ୍ରୀପୁରା, କୁରେବଗା, ମୁର୍କାଢୁଡ଼ା, ବଞ୍ଜାରୀ, ସାଗରପାଲି, ସିରିଆପାଲି, ପୁରନା, କାତିକେଲା, ଭୁର୍କାମୁଣ୍ଡା ଆଦି ଗ୍ରାମର ଚାଷ ଗୁରୁତର ଭାବେ ପ୍ରଭାବିତ ହେଉଛି । ୨୦୧୮ ମସିହାରେ କମ୍ପାନୀର ବିଷାକ୍ତ ଗ୍ୟାସ ନିର୍ଗମନରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ୧୫ ଦିନ ଭିତରେ କ୍ଷତିପୂରଣ ଦେବାକୁ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନିର୍ଦ୍ଦେଶ ଦେଇଥିଲା । ହେଲେ ଏବେ ବି ସେ କ୍ଷତିପୂରଣ ମିଳି ନ ଥିବା ସଂଘ ପକ୍ଷରୁ କୁହାଯାଇଛି ।

କମ୍ପାନୀ ପକ୍ଷରୁ ହୀରାକୁଦ ଜଳଭଣ୍ଡାରର ଉପରମୁଣ୍ଡରେ ଇବ୍ ଓ ଭେଡେନ୍ ନଦୀ କୂଳରେ ଫ୍ଲାଇ ଆଶ୍ ପକାଯାଉଥିବାରୁ ଜଳ ଭଣ୍ଡାରକୁ ପ୍ରଦୂଷଣ କରୁଥିବା ଏବଂ ସେହି ଦୂଷିତ ଜଳକୁ ଝାରସୁଗୁଡ଼ା- ସମ୍ବଲପୁର ଓ କଟକ ଜିଲ୍ଲାବାସୀ ବ୍ୟବହାର କରି ନିଜ ଜୀବନକୁ ବିପନ କରୁଥିବା ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି । ୨୦୦୦ ମସିହାଠାରୁ ଏ ପର୍ଯ୍ୟନ୍ତ ଜଙ୍ଗଲର ସ୍ଥିତାବସ୍ଥା ତଥା ପରିବେଶର ସ୍ଥିତି ସଂପର୍କରେ ସାଟେଲାଇଟ ସର୍ଭେ କରାଯିବାକୁ ସ୍ମାରକ ପତ୍ରରେ ଦାବି କରାଯାଇଛି । ଏହାଛଡ଼ା ବେଦାନ୍ତ କମ୍ପାନୀର ଏହି ସମସ୍ତ ବେଆଇନ କାରବାର ସଂପର୍କରେ ସି.ବି.ଆଇ ପକ୍ଷରୁ ତଦନ୍ତ କରାଯିବାକୁ ଆଦେଶ ଦିଆଯିବାକୁ ସଂଘ ରାଷ୍ଟ୍ରପତିଙ୍କୁ ନିବେଦନ କରିଛି ।

# ଭିଏସ୍ଏସ୍‌ୟୁଟିକୁ ଦେଶର ପ୍ରମୁଖ ଇଞ୍ଜିନିୟରିଂ ଅନୁଷ୍ଠାନ ସହ ସମକକ୍ଷ କରାଯିବ

ଭୁବନେଶ୍ୱର: ବୁର୍ଲାସ୍ଥିତ ବୀର ସୁରେନ୍ଦ୍ରସାଏ ୟୁନିଭରସିଟି ଅଫ୍ (ଭିଏସ୍ଏସ୍‌ୟୁଟି) ପାଇଁ ପ୍ରସ୍ତାବିତ ଟେକ୍ନୋଲୋଜିର ଉନ୍ନତୀକରଣ ମାଷ୍ଟରପ୍ଲାନକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଛନ୍ତି । ଏଥିରେ ଭିଏସ୍ଏସ୍‌ୟୁଟିର ଭିତ୍ତିଭୂମିର ବିକାଶ ଠାରୁ ଆରମ୍ଭ କରି ଅଧିକ ବିଭାଗ ଖୋଲିବାକୁ ଯୋଜନା ହୋଇଛି । ଏଠାରେ ଆଗାମୀ ୫ବର୍ଷରେ ତିନିଟି ପର୍ଯ୍ୟାୟରେ ୨ହଜାର କୋଟି ଖର୍ଚ୍ଚ କରାଯିବ । ୨୦୨୬ ସୁଦ୍ଧା ଏଠାରେ ୨୪ଟି ସ୍ନାତକ ବିଭାଗରେ ୧୦ ହଜାରରୁ ଅଧିକ ଛାତ୍ରଛାତ୍ରୀ ପାଠ ପଢିବାର ବ୍ୟବସ୍ଥା କରାଯିବ । ଏହାସହ ଭିଏସ୍ଏସ୍‌ୟୁଟିକୁ ବହୁ ୨୦୩୦ ସୁଦ୍ଧା ବିଭାଗୀୟ ଇଞ୍ଜିନିୟରିଂ ଏବଂ ଗବେଷଣା ବିଶ୍ୱବିଦ୍ୟାଳୟ ଭାବେ ବିକଶିତ କରାଯିବ ବୋଲି ନିଷ୍ପତ୍ତି ହୋଇଛି ।

ଏହି ମାଷ୍ଟରପ୍ଲାନ ଅନୁଯାୟୀ ଭିଏସ୍ଏସ୍‌ୟୁଟିକୁ ଦେଶର ପ୍ରମୁଖ ଇଞ୍ଜିନିୟରିଂ ଅନୁଷ୍ଠାନ ଆଇଆଇଟି, ଏନ୍ଆଇଟି ପରି ସଂସ୍ଥାଗୁଡ଼ିକ ସହ ସମକକ୍ଷ କରାଯିବ । ଏଥିରେ ସ୍କୁଲ ଅଫ୍ ଇଞ୍ଜିନିୟରିଂ, ଦକ୍ଷତା ବିକାଶ କେନ୍ଦ୍ର, ସ୍କୁଲ ଅଫ୍ ମାଷ୍ଟରପ୍ଲାନ ମେଡିକାଲ୍ ଟେକ୍ନୋଲୋଜି ଏବଂ ସ୍କୁଲ ଅଫ୍ ବେସିକ୍ ସାଇନ୍ସ ପରି ୭ଟି ସ୍କୁଲ ରହିବ । ଏଠାରେ ୧୦,୮୬୪ ଜଣ ଛାତ୍ରଛାତ୍ରୀ ପାଠ ପଢ଼ିବା ପାଇଁ ବ୍ୟବସ୍ଥା କରାଯିବ । ବର୍ତ୍ତମାନ ୨୮୪୯ ଛାତ୍ରଛାତ୍ରୀ ବିଭିନ୍ନ ପାଠ୍ୟକ୍ରମରେ ପାଠ ପଢୁଛନ୍ତି । ଏଥିରେ ୭ଟି ସ୍କୁଲରେ ୨୪ଟି ଇଞ୍ଜିନିୟରିଂ ପ୍ରୋଗ୍ରାମ, ୧୪ରୁ ଅଧିକ ବିଭାଗ ଓ ୨୭ରୁ ଅଧିକ ଉତ୍କର୍ଷ କେନ୍ଦ୍ର ଗଠନ କରାଯିବ । ପ୍ରତ୍ୟେକ ସ୍କୁଲରେ ଶ୍ରେଣୀ ଗୃହ, ଲାବୋରେଟୋରି, ପ୍ରଫେସରଙ୍କ ପାଇଁ ସ୍ୱତନ୍ତ୍ର ପ୍ରକୋଷ୍ଠ ଓ




ଗ୍ୟାଲେରି ରହିବ । ସମସ୍ତ ସ୍କୁଲରେ ଅତ୍ୟାଧୁନିକ ଗବେଷଣା କେନ୍ଦ୍ର ଓ ଲାବୋରେଟୋରି ସୁବିଧା ଉପଲବ୍ଧ ହେବ । ପ୍ରତ୍ୟେକ ଉତ୍କର୍ଷ କେନ୍ଦ୍ର ସହିତ ଶିଳ୍ପାନୁଷ୍ଠାନଗୁଡ଼ିକର ସହଭାଗିତା କରାଯିବ ଏବଂ ଏଥିରେ ଅତି କମ୍‌ରେ ଜଣେ ପୂର୍ବତନ ଛାତ୍ର ମେଣ୍ଟର ଭାବରେ ଦାୟିତ୍ୱ ଗ୍ରହଣ କରିବେ । ଏହାଦ୍ୱାରା ପ୍ରତ୍ୟେକ ଉତ୍କର୍ଷ କେନ୍ଦ୍ର ଶିଳ୍ପାନୁଷ୍ଠାନଗୁଡ଼ିକ ପାଇଁ ଅତ୍ୟାଧୁନିକ ଗବେଷଣା ଓ ପରାମର୍ଶ କେନ୍ଦ୍ର ଭାବେ କାର୍ଯ୍ୟ କରିପାରିବ । ଗ୍ରାମ୍ୟ ଓ ସହରାଞ୍ଚଳର ଉନ୍ନତୀକରଣ ପାଇଁ ଏକ ନୋଡାଲ ସେଣ୍ଟର ଭାବରେ ମଧ କାର୍ଯ୍ୟ କରିବ ।

ଏନେଇ ବସିଥିବା ବୈଠକରେ ମୁଖ୍ୟମନ୍ତ୍ରୀ ଆସନ୍ତା ତିନି ମାସ ମଧରେ ସମସ୍ତ ସ୍ମାର୍ଟ କ୍ଲାସ ରୁମ୍ ନିର୍ମାଣ କାମ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ହଷ୍ଟେଲ ଓ ଅନ୍ୟାନ୍ୟ ସାଧାରଣ ମରାମତି କାମକୁ ତୁରନ୍ତ ଶେଷ କରାଯିବ ଏବଂ ଅନୁଷ୍ଠାନକୁ ୨୪ ଘଣ୍ଟିଆ ବିଦ୍ୟୁତ ବ୍ୟବସ୍ଥାର ସୁବିଧା ଯୋଗାଯିବ ।




## ଏ ସଂଖ୍ୟାରେ..


ଦେବତା, ପିତୃପୁରୁଷ ଏବଂ ବଂଶପ୍ରତି ଶ୍ରଦ୍ଧା


ମଧୁମେହ ପ୍ରତିରୋଧୀ ଘରୋଇ ପଥ୍ୟ


କଳାଲୁଣର ରୋଗ ପ୍ରତିଷେଧକ ତତ୍ତ୍ୱ


ମହୌଷଧ ବାଇଗଣ


ଆଣ୍ଠୁ ଯନ୍ତ୍ରଣାରୁ ଆରାମ ଦିଏ ଜଡ଼ା ତେଲ


ଦହିର ଉପକାରିତା

# ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ସମାରୋହ ଉଦ୍‌ଯାପିତ

ଝାରସୁଗୁଡ଼ା: ସ୍ଥାନୀୟ ଏଚ୍‌.କଟାପାଲି ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଚାଲିଥିବା ଦୁଇ ଦିନିଆ ଜୋନ୍ ସ୍ତରୀୟ ପ୍ରତିଷ୍ଠା ଦିବସ ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ସମାରୋହରେ ଜିଲାପାଳ ସରୋଜ କୁମାର ସାମଲ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଉତ୍ତମ ଶିକ୍ଷା ବ୍ୟବସ୍ଥା ହିଁ ହେଉଛି ଜାତୀୟ ଜୀବନର ନିୟାମକ ବୋଲି କହିଥିଲେ । ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହେଲେ ଓ ଶିକ୍ଷାର କୌଣସି ବ୍ୟାବହାରିକ ମୂଲ୍ୟ ନ ରହିଲେ ଉତ୍ତମ ନାଗରିକ ଗଠନ କରିବାର ସ୍ୱପ୍ନ ବିଡ଼ମ୍ବିତ ହେବ ବୋଲି ଉଦ୍‌ବୋଧନ ଦେଇଥିଲେ । ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ବିକାଶ ଚନ୍ଦ୍ର ପ୍ରଧାନ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ଶିକ୍ଷାର ବର୍ଗୀକରଣ ଉପରେ ଗୁରୁତ୍ୱାରୋପ କରିଥିଲେ । ଜିଲା ଶିକ୍ଷା ଅଧିକାରୀ ପୁଷ୍ପା ମିଞ୍ଜ ସଭାରେ ସଭାପତିତ୍ୱ କରିଥିଲେ । ଏହି ଉତ୍ସବରେ ୫ ଟି ଜିଲା ଝାରସୁଗୁଡ଼ା, ବରଗଡ, ସୁନ୍ଦରଗଡ, ଦେବଗଡ ଓ ସମ୍ବଲପୁର ବିଭିନ୍ନ ଆଦର୍ଶ ବିଦ୍ୟାଳୟରୁ ୪୫ ଜଣ




ବାଳକ ଓ ୧୩୪ ଜଣ ବାଳିକାଙ୍କ ସମେତ ୩୫ ଜଣ ଗାଇଡ଼ ଟିଚର ଓ ବିଭିନ୍ନ ସରକାରୀ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ । ଉତ୍ସବରେ ୧୧ ଗୋଟି ବିଭାଗରେ ବକ୍ତୃତା, ଚିତ୍ରାଙ୍କନ, ସଂଗୀତ, ପ୍ରବନ୍ଧଲିଖନ, ସାଧାରଣ ଜ୍ଞାନ ଓ ତର୍କ ପ୍ରତିଯୋଗିତାରେ ସଫଳ ପ୍ରତିଯୋଗୀ ମାନଙ୍କୁ ଅତିଥି ମାନେ ପୁରସ୍କୃତ କରି ଥିଲେ । ଆଦର୍ଶ ବିଦ୍ୟାଳୟର ଅଧକ୍ଷା ସୁଜାତା ବାରିକ ସ୍କୁଲ ବିବରଣୀ ଦେବା ସହ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅବିନାଶ ଚନ୍ଦ୍ର ପାଣିଗ୍ରାହୀ ଓ କ୍ରୀଷ୍ଣା ସୁନା ମଞ୍ଚପରିଚାଳନା କରିଥିଲେ । ଶେଷରେ ଛାତ୍ର, ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇ ଥିଲା । ଶେଷରେ ଗୁଲସନ କୁମାର ସାହୁ ଧନ୍ୟବାଦ ଦେଇ ଥିଲେ । ବିଦ୍ୟାଳୟର ବଂଶୀଧର ପଶାୟତ, ପଦ୍ମନାଭ ନାଏକ, ସୁଶାନ୍ତ ବେହେରା, ଜ୍ୟୋତି ଭୋଇ, ଚିନ୍ମୟୀ ବାଗ, ଅନୁପ ରାଉତ, ସମେତ ଜିଲା ଶିକ୍ଷା ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ । ଆଦର୍ଶ ବିଦ୍ୟାଳୟର ଜିଲା ଶିକ୍ଷା କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ । ଶେଷରେ ଶିକ୍ଷକ ନିଗମାନନ୍ଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଭିନ୍ନ ଶିକ୍ଷାନୁଷ୍ଠାନ ପରିକ୍ରମା କଲା ଷ୍ଟାର୍ଟ ଅପ୍ ଓଡ଼ିଶା ରଥ



ସମ୍ବଲପୁର: ଉଦ୍ୟମିତା ଓ ବ୍ୟବସାୟିକ ଚିନ୍ତାଧାରାର ଉଦ୍ରେକ ପାଇଁ ଓଡିଶା ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା 'ଷ୍ଟାର୍ଟଅପ୍ ଓଡିଶା ଯାତ୍ରା ରଥ ସମ୍ବଲପୁର ପହଞ୍ଚି ଭିସୁଟ ସମେତ ଜିଏମ୍ ବିଶ୍ୱବିଦ୍ୟାଳୟ, ଆଇଆଇଏମ୍ ସମ୍ବଲପୁର ପରିକ୍ରମା କରିଥିଲା । ଏହି ଅବସରରେ ଭିସୁଟ୍‌ରୁ ୨୧ଟି ପ୍ରକଳ୍ପ ଛାତ୍ରଛାତ୍ରୀଙ୍କ ଦ୍ୱାରାପ୍ରସ୍ତାବିତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୫ଟି ପ୍ରକଳ୍ପକୁ ପୁରସ୍କୃତ କରା ଯାଇଥିଲା । କାର୍ଯ୍ୟକ୍ରମରେ ପ୍ରଫେସର ଦେବଦତ୍ତ ମିଶ୍ର, ଡିନ ଛାତ୍ର କଲ୍ୟାଣ ସଞ୍ଜୟ ପାତ୍ର, ଆଶିଷ ଶର୍ମା, ବନ୍ଦନ ଭୋଇ ବିଦ୍ୟାଧର ରାଉତ ଉପସ୍ଥିତ ଥିବା ବେଳେ ଶିବପ୍ରସାଦ ସାମଲ, ପ୍ରଜଭାବ ମିଶ୍ର, ଶୁଭମ ବେହେରା, ଅମ୍ଳାନ ମିଶ୍ର ସହଯୋଗ କରିଥିଲେ ।

# ସ୍ୱାମୀ ସ୍ୱରୂପାନନ୍ଦଙ୍କ ଦୁଇ ଉତ୍ତରାଧିକାରୀ ଘୋଷିତ

ନୂଆଦିଲ୍ଲୀ: ଦ୍ୱାରକାର ଶାରଦା ପୀଠ ଓ ବଦ୍ରିନାଥର ଜ୍ୟୋତିର୍ମଠ ଶଙ୍କରାଚାର୍ଯ୍ୟ ସ୍ୱାମୀ ସ୍ୱରୂପାନନ୍ଦ ସରସ୍ୱତୀଙ୍କର ୯୯ ବର୍ଷ ବୟସରେ ପରଲୋକ ହୋଇଯାଇଛି । ଏହାପରେ ତାଙ୍କର ଏହି ଦୁଇ ପୀଠ ପାଇଁ ଦୁଇଜଣ ଉତ୍ତରାଧିକାରୀଙ୍କ ନାମ ଘୋଷଣା କରାଯାଇଛି । ସ୍ୱାମୀ ଅଭିମୁକ୍ତେଶ୍ୱରାନନ୍ଦଙ୍କୁ ଜ୍ୟୋତିର୍ମଠରେ ଶଙ୍କରାଚାର୍ଯ୍ୟ ଓ ସ୍ୱାମୀ ସଦାନନ୍ଦ ସରସ୍ୱତୀଙ୍କୁ ଦ୍ୱାରକା ଶାରଦା ପୀଠର ନୂଆ ଶଙ୍କରାଚାର୍ଯ୍ୟ ଘୋଷଣା କରାଯାଇଛି । ବ୍ରହ୍ମଲୀନ ଶଙ୍କରାଚାର୍ଯ୍ୟ ସ୍ୱରୂପାନନ୍ଦ ସରସ୍ୱତୀଙ୍କ ବ୍ୟକ୍ତିଗତ ସଚିବ ସୁବୋଧାନନ୍ଦ ମହାରାଜ ଏହା ଘୋଷଣା କରିଛନ୍ତି ।

# ବିଶ୍ୱଶାନ୍ତି ଉପଲକ୍ଷେ ଈଶ୍ୱରୀୟ ଯୁବା ସମ୍ମିଳନୀ




ସମ୍ବଲପୁର : ବିଶ୍ୱଶାନ୍ତି ଉପଲକ୍ଷେ ବ୍ରହ୍ମକୁମାରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏକ ଯୁବ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଓଡିଶା ସମେତ ଭାରତର ବିଭିନ୍ନ ରାଜ୍ୟ ତଥା ଆସାମ, ତ୍ରିପୁରା, ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ ଆଦି ରାଜ୍ୟର ବ୍ରହ୍ମାକୁମାରୀ ଭଉଣୀ ଓ ବ୍ରହ୍ମକୁମାର ଭାଇମାନେ ସାମିଲ ହୋଇଥିଲେ । ଏଥିରେ ବରଗଡ ସାଂସଦ ସୁରେଶ ପୂଜାରୀ ମୁଖ୍ୟ ଅତିଥି, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର୍ ଏନ୍ ନାଗାରାଜୁ ଓ ଉତ୍କଳ ପ୍ରାନ୍ତୀୟ ମାରୱାଡି ଯୁବାମଞ୍ଚର ସଂପାଦକ ନରେଶ ଅଗ୍ରୱାଲ ସମ୍ମାନିତ ଅତିଥି ଏବଂ ଯୁବ ପ୍ରଭାଗ ସଭାନେତ୍ରୀ ବ୍ରହ୍ମକୁମାରୀ ଚନ୍ଦ୍ରିକା ଦିଦି ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ । ସେହିପରି ବ୍ରହ୍ମାକୁମାରୀ ପାର୍ବତୀ, ବ୍ରହ୍ମାକୁମାରୀ କୃତି, ବ୍ରହ୍ମକୁମାରୀ ରୀତା ଦିଦି ପ୍ରମୁଖ ସମ୍ମାନିତ ବକ୍ତା ଭାବେ ଯୋଗ ଦେଇଥିଲେ । ବ୍ରହ୍ମାକୁମାରୀ ଦୀପା ଅନୁଷ୍ଠାନ ସଂପର୍କରେ ସୂଚନା ପ୍ରଦାନ କରିଥିବା ବେଳେ ରାଜଯୋଗିନୀ ପାର୍ବତୀ ଦିଦି ଉକ୍ତ ସମ୍ମିଳନୀର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଏହି ଅବସରରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ଏହାର ଅୟୋଜକ ସୁବ୍ରତ ପଣ୍ଡା, ଅରୁଣ ଭାଇ, ଉତ୍ସର୍ଗ ସଂସ୍ଥାର ସୁଧୀର ପୂଜାରୀଙ୍କୁ ଇଶ୍ୱରୀୟ ଉତ୍ତରୀୟ ପ୍ରଦାନ କରାଯାଇଥିଲା । ଏହି ଶିବିରରୁ ଶତାଧିକ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । କାର୍ଯ୍ୟକ୍ରମକୁ ବ୍ରହ୍ମକୁମାରୀ ଦୀପା ପରିଚାଳନା କରିଥିଲେ ।

# ଧର୍ମପରାୟଣା ରଜନୀରାଣୀ ମହାନ୍ତିଙ୍କ ପରଲୋକ



ସମ୍ବଲପୁର : ପବିତ୍ର ଭାଗବତ ଜନ୍ମ ଦିନ ନିତାଇ ଗୌର ମଠର (ମାତା ମଠ) ବୟୋଜ୍ୟେଷ୍ଠ ଟ୍ରଷ୍ଟି ରଜନୀରାଣୀ ମହାନ୍ତିଙ୍କ ପରଲୋକ ହୋଇଯାଇଛି । ସେ ତାଙ୍କ ପଛରେ ଚାରି ପୁଅ ବିବେକାନନ୍ଦ, ପ୍ରଣବକିଶୋର, ଲଲାଟେନ୍ଦୁ ଓ ଲଳିତଙ୍କୁ ଛାଡି ଚାଲିଯାଇଛନ୍ତି । ଧର୍ମପରାୟଣା ଓ ଭଜନାନନ୍ଦୀ ଥିବା ସ୍ୱର୍ଗତା ମହାନ୍ତି ମାତା ମଠର ପ୍ରତ୍ୟେକ କାର୍ଯ୍ୟକ୍ରମରେ ଅତ୍ୟନ୍ତ ସକ୍ରିୟ ରହୁଥିଲେ । ତାଙ୍କ ବିୟୋଗରେ ପୂର୍ବତନ ରାଜ୍ୟସଭା ସାଂସଦ ସୁଶ୍ରୀ ପ୍ରମିଳା ବହିଦାର ଗଭୀର ଶୋକ ପ୍ରକାଶ କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି ।

# ଭିସୁଟ୍‌ରେ ଇଂଜିନିୟର୍ସ ଡ଼େ ପାଳିତ



ବୁର୍ଲା : ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟର ସିଭିଲ ଇଞ୍ଜିନିୟରିଂ ବିଭାଗରେ ଇଞ୍ଜିନିୟର୍ସ ଦିବସ ପାଳିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ହିଣ୍ଡାଲକୋ ଉଦ୍ୟୋଗର ଜିଏମ୍ ଇଂ ସୁନିଲ କୁମାର ଷଡ଼ଙ୍ଗୀ ଏବଂ ହୀରାକୁଦ ବନ୍ଧର ଅଧୀକ୍ଷଣ ଯନ୍ତ୍ରୀ ଜ୍ୟୋତିର୍ମୟ ବେହେରା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ଇଞ୍ଜିନିୟର ମାନଙ୍କର ବ୍ୟବହାରିକ ଉପଯୋଗିତାର ଗୁରୁତ୍ୱ ଉପରେ ବିଭାଗୀୟ ମୁଖ୍ୟ ରାକେଶ ଦାଶ କହିଥିଲେ । ଉପଦେଷ୍ଟା ଡକ୍ଟର ସୌଭାଗ୍ୟ ପାଣିଗ୍ରାହୀ ଇଞ୍ଜିନିୟର ଆକାରରେ ଯୋଗ୍ୟ ମାନବ ସମ୍ବଳର ଉପଯୋଗିତା ଉପରେ ଗୁରୁତ୍ୱାରୋପ କରିଥିଲେ । ଦେଶର ଭିତ୍ତିଭୂମି ବିକାଶରେ ଇଂଜିନିୟରଙ୍କ ଭୂମିକା ସଂପର୍କରେ ଆଲୋକପାତ କରିଥିଲେ । ବିଭାଗୀୟ ଅଧାପକ ପ୍ରଫେସର ଅମର ନାୟକ, ପ୍ରଫେସର ପ୍ରକାଶ ସ୍ୱାଇଁ, ପ୍ରଫେସର ପ୍ରଦୀପ ପ୍ରଧାନ, ଡକ୍ଟର ରାଜୀବ ସାହୁ, ଇଂ ପ୍ରତାପ ପ୍ରଧାନ ଯୋଗ ଦେଇଥିଲେ । ୟୁଜି, ପିଜି ଓ ପିଏଚ୍‌ଡିର ସମସ୍ତ ଛାତ୍ର ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଛାତ୍ର ସମ୍ପାଦକ ହ୍ରିତିଲ ଧନ୍ୟବାଦ ଅର୍ପଣ କରିଥିଲେ ।

# ବୁଢ଼ାରଜା ବନ ସଂରକ୍ଷଣ ସମିତିର ସଦସ୍ୟାମାନେ ଗଛକୁ ବାନ୍ଧିଲେ ଜିଉଁତିଆ

ସମ୍ବଲପୁର: ପୂର୍ବବର୍ଷ ମାନଙ୍କ ଭଳି ଚଳିତ ବର୍ଷ ମଧ ବୁଢ଼ାରଜା ବନ ସଂରକ୍ଷଣ ସମିତି ପକ୍ଷରୁ ସୌରଭ ନଗର ମାଁ ମଙ୍ଗଳା ମନ୍ଦିର ଜଙ୍ଗଲରେ ନିକଟସ୍ଥ ଲମ୍ବଡୁଙ୍ଗୁରି ବୃକ୍ଷମାନଙ୍କ ଦୀର୍ଘ ଜୀବନ, ସୁରକ୍ଷା ଓ ମଙ୍ଗଳ କାମନା କରି ମହିଳାମାନେ ନିଆରା ଭାବରେ ପୁଓ ଜିଉଁନ୍ତିଆ ଉତ୍ସବ ପାଳନ କରିଛନ୍ତି । ପ୍ରକୃତି ବନ୍ଧୁ ମେଘୁ ମୁଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ



ଏହି ଉତ୍ସବରେ କାର୍ତ୍ତିକ ପ୍ରସାଦ ବହିଦାର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ନାରାୟଣ ଚକ୍ରବର୍ତ୍ତୀ ପୂଜକ ଭାବରେ ପୂଜାର୍ଚ୍ଚନା ଦାୟିତ୍ୱ ତୁଲାଇଥିଲେ । ରାମ ସାଗର ସାହୁ, ସୌରୀ ନାରାୟଣ ପାଣିଗ୍ରାହୀ, ଶଶାଙ୍କ ଚକ୍ରବର୍ତ୍ତୀ, ମିନାକ୍ଷୀ ଲେଙ୍କା, ଝରଣା ନାୟକ, ରମା ଜେନା, ଯମୁନା ବେହେରା, ପ୍ରତିମା କୁସୁମ, ଶଙ୍କରୀ ମଣ୍ଡଳ, ବିଷ୍ଣୁପଦ ବରେଇ, ମଞ୍ଜୁ ଚକ୍ରବର୍ତ୍ତୀ, କରୁଣାକର ନାୟକ ପ୍ରମୁଖ ବହୁ ସଂଖ୍ୟାରେ ଭଦ୍ର ମହିଳା ଓ ଭଦ୍ର ପୁରୁଷ ସମ୍ମିଳିତ ହୋଇ ଏହି ଉତ୍ସବରେ ଯୋଗଦାନ କରିଥିଲେ । ମହିଳାମାନେ ସମସ୍ତେ ଘଣ୍ଟି ଘଣ୍ଟା ବାଦନ କରି, ବୃକ୍ଷମାନଙ୍କୁ ଦୁବ, ଫୁଲ, ଅକ୍ଷତ ଦୀପ ଧୂପ ଦ୍ୱାରା ପୂଜାର୍ଚ୍ଚନା କରିବା ସହିତ ସୁରକ୍ଷା ପାଇଁ ଜିଉଁତିଆ ବାନ୍ଧିଥିଲେ । ଶେଷରେ ବନରକ୍ଷୀ ନିରୁପମା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଦେବତା, ପିତୃପୁରୁଷ ଏବଂ ବଂଶପ୍ରତି ଶ୍ରଦ୍ଧା

ହିନ୍ଦୁ ଧର୍ମ ଏବଂ ବୈଦିକ ମାନ୍ୟତା ଅନୁଯାୟୀ ପୁତ୍ରର ପୁତ୍ରତ୍ୱ ସେତେବେଳେ ସାର୍ଥକ ହୁଏ ଯେତେବେଳେ ସେ ଜୀବିତାବସ୍ଥାରେ ଥିବା ପିତାମାତାଙ୍କର ସେବା କରେ ଏବଂ ସେମାନଙ୍କ ମୃତ୍ୟୁ ପରେ ଶ୍ରାଦ୍ଧବାର୍ଷିକ ଏବଂ ମହାଳୟାରେ ସେମାନଙ୍କୁ ବିଧିବଦ୍ଧ ଶ୍ରାଦ୍ଧ ପ୍ରଦାନ କରେ । ଆଶ୍ୱିନମାସର କୃଷ୍ଣପକ୍ଷ ପ୍ରତିପଦାରୁ ଅମାବାସ୍ୟା ପର୍ଯ୍ୟନ୍ତ ଦିନକୁ 'ପିତୃପକ୍ଷ' ବା 'ମହାଳୟା ପକ୍ଷ' କୁହାଯାଏ । ତାମିଲନାଡୁରେ ଏହାକୁ ଆଦି ଅମାବସାଇ, କେରଳରେ କରିକଡ଼ା ବାବୁବଲି ଏବଂ ମହାରାଷ୍ଟ୍ରରେ ପିତୃପନ୍ଦରବଡ଼ା କୁହାଯାଏ । ଶ୍ରାଦ୍ଧର ଅର୍ଥ ଦେବତା, ପିତୃପୁରୁଷ ଏବଂ ବଂଶ ପ୍ରତି ଶ୍ରଦ୍ଧା ପ୍ରକଟ କରିବା ।

ବିଶ୍ୱାସ କରାଯାଏ ଯେଉଁମାନେ ନିଜ ଶରୀର ଛାଡ଼ି ଚାଲିଯାଆନ୍ତି, ସେମାନେ ଯେଉଁଲୋକରେ ଯେଉଁ ରୂପରେ ଥିଲେ ବି ଶ୍ରାଦ୍ଧପକ୍ଷରେ ନିଶ୍ଚୟ ପୃଥିବୀକୁ ଆସନ୍ତି । ତେଣୁ ସେମାନଙ୍କ ତୃପ୍ତି ପାଇଁ ଶ୍ରଦ୍ଧା ସହ ଯେଉଁ ଶୁଭ ସଂକଳ୍ପ ଏବଂ ତର୍ପଣ କରାଯାଏ, ତାହାକୁ ଶ୍ରାଦ୍ଧ କୁହାଯାଏ । ହିନ୍ଦୁ ମାନ୍ୟତା ଅନୁଯାୟୀ ପିଣ୍ଡଦାନ ମୋକ୍ଷ ପ୍ରାପ୍ତି ପାଇଁ ଏକ ସହଜ ଏବଂ ସରଳ ମାର୍ଗ । ଏମିତି ଦେଶରେ ଅନେକ ସ୍ଥାନରେ ପିଣ୍ଡଦାନ କରାଯାଏ । ତେବେ ବିହାରର ଗୟାରେ ପିଣ୍ଡଦାନ ଖୁବ୍ ମହତ୍ୱପୂର୍ଣ୍ଣ । ବିଶ୍ୱାସ କରାଯାଏ ଭଗବାନ ଶ୍ରୀରାମ ଏବଂ ମା' ସୀତା ରାଜା ଦଶରଥଙ୍କ ଆତ୍ମାର ଶାନ୍ତି ପାଇଁ ଗୟାରେ ପିଣ୍ଡଦାନ କରିଥିଲେ ।

ଗୟାକୁ ବିଷ୍ଣୁଙ୍କ ନଗର କୁହାଯାଏ । ଏହାକୁ ମୋକ୍ଷର ଭୂମି ମଧ୍ୟ କୁହାଯାଏ । ବିଷ୍ଣୁପୁରାଣ ଏବଂ ବାୟୁ ପୁରାଣରେ ଏହାର ଉଲ୍ଲେଖ ଅଛି । ବିଷ୍ଣୁ ପୁରାଣ - ଅନୁଯାୟୀ ଗୟାରେ ପିଣ୍ଡଦାନ କଲେ ପୂର୍ବଜଙ୍କ ଆତ୍ମା ମୋକ୍ଷ ପ୍ରାପ୍ତି କରେ ଏବଂ ସେମାନେ ସ୍ୱର୍ଗରେ ବାସ କରନ୍ତି । ବିଶ୍ୱାସ କରାଯାଏ ସ୍ୱୟଂ ବିଷ୍ଣୁ ଏଠାରେ ପିତୃଦେବତା ଭାବରେ ଉପସ୍ଥିତ । ତେଣୁ ଏହାକୁ ପିତୃତୀର୍ଥ ମଧ୍ୟ କୁହାଯାଏ । ଗୟାରେ ଥିବା ପଣ୍ଡିତମାନେ କୁହନ୍ତି - ଫାଲଗୁ ନଦୀର ତଟରେ ପିଣ୍ଡଦାନ ନ କଲେ ଏହା ଅସମ୍ପୂର୍ଣ୍ଣ ରହିଯାଏ ।



କିମ୍ବଦନ୍ତୀ ଅନୁଯାୟୀ ଭସ୍ମାସୁରର ବଂଶଜ ଗୟାସୁର କଠିନ ତପସ୍ୟା କରି ବ୍ରହ୍ମାଙ୍କୁ ସନ୍ତୁଷ୍ଟ କରି ବର ମାଗି ନେଇଥିଲେ ଯେ, ତା'ର ଶରୀର ଦେବତାମାନଙ୍କ ପରି ପବିତ୍ର ଏବଂ ତାକୁ ଦର୍ଶନ କରିବା ମାତ୍ରେ ଲୋକମାନେ ପାପମୁକ୍ତ ହୋଇଯିବେ । ଏହି ବର ମିଳିବା ପରେ ସ୍ୱର୍ଗରେ ଜନ ସଂଖ୍ୟା ବଢ଼ିବାରେ ଲାଗିଲା ଏବଂ ସବୁକିଛି ପ୍ରକୃତିର ନିୟମ ବିପରୀତରେ ଚାଲିଲା । ଲୋକମାନେ ବିନା ଭୟରେ ପାପ କଲେ ଏବଂ ଗୟାସୁରକୁ ଦର୍ଶନ କରି ପାପମୁକ୍ତ ହେଲେ ।

ଏଥିରୁ ରକ୍ଷା ପାଇବା ପାଇଁ ଦେବତାମାନେ ଗୟାସୁରଙ୍କୁ ଯଜ୍ଞ ପାଇଁ ପବିତ୍ର ଭୂମି ମାଗିଲେ । ଗୟାସୁର ନିଜ ଶରୀର ଦେବତାମାନଙ୍କ ଯଜ୍ଞ ପାଇଁ ଦେଇଦେଲା । ଯଜ୍ଞଭୂମି ଭାବରେ ବ୍ୟବହୃତ ହେବା ପାଇଁ ଗୟାସୁର ଭୂମିରେ ଶୋଇଲା ଏବଂ ତା'ର ଶରୀର ପାଞ୍ଚକୋଶ ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଗଲା । ପରବର୍ତ୍ତୀ ସମୟରେ ଏହି ପାଞ୍ଚକୋଶ ସ୍ଥାନକୁ କୁହାଗଲା ଗୟା ।

ଯଜ୍ଞରେ ପୋଡ଼ିବା ପରେ ମଧ୍ୟ ଗୟାସୁର ମନରୁ ଲୋକମାନଙ୍କୁ ପାପମୁକ୍ତ କରିବାର ଇଚ୍ଛା ଲୋପ ପାଇଲା ନାହିଁ । ସେ ଦେବତାମାନଙ୍କୁ ବର ମାଗିଲା । ଏହି ସ୍ଥାନରେ ଲୋକଙ୍କୁ ମୋକ୍ଷ ଦେବ । ଯେଉଁ ବ୍ୟକ୍ତି ଏଠାରେ କାହାର ଶ୍ରାଦ୍ଧ ପାଇଁ ପିଣ୍ଡଦାନ କରିବେ, ତାଙ୍କୁ ମୁକ୍ତି ମିଳିବ । ଏହି କାରଣରୁ ଆଜି ବି ଲୋକମାନେ ପିତୃପୁରୁଷଙ୍କ ଆତ୍ମାକୁ ମୁକ୍ତି ଦେବା ପାଇଁ ଗୟାରେ ପିଣ୍ଡଦାନ କରନ୍ତି ।

ଶାସ୍ତ୍ରରେ ପିତୃପୁରୁଷଙ୍କ ସ୍ଥାନ ଖୁବ୍ ଉଚ୍ଚରେ ବୋଲି ବର୍ଣ୍ଣନା କରାଯାଇଛି । ସେ ଚନ୍ଦ୍ରମା ଠାରୁ ଦୂରରେ ଏବଂ ଦେବତାଙ୍କ ଠାରୁ ଉଚ୍ଚ ସ୍ଥାନରେ ରୁହନ୍ତି ବୋଲି ଶାସ୍ତ୍ରରେ ବର୍ଣ୍ଣନା ରହିଛି । ପିତୃପୁରୁଷଙ୍କ ମଧ୍ୟରେ ମୃତ ପୂର୍ବଜ ଯଥା – ବାପା-ମାଆ, ଜେଜେବାପା – ଜେଜେମାଆ, ଅଜା-ଆଈଙ୍କ ସମେତ ସବୁ ପୂର୍ବଜ ସାମିଲ । ପରଲୋକଗତ ଗୁରୁ ଏବଂ ଆଚାର୍ଯ୍ୟ ମଧ୍ୟ ପିତୃପୁରୁଷଙ୍କ ମଧ୍ୟରେ ସାମିଲ । ଦେଶରେ ଶ୍ରାଦ୍ଧ ପାଇଁ ହରିଦ୍ୱାର, ଗଙ୍ଗାସାଗର, ପୁରୀ, କୁରୁକ୍ଷେତ୍ର, ଚିତ୍ରକୁଟ, ପୁଷ୍କର, ବଦ୍ରିନାଥ ସମେତ ୫୫ଟି ସ୍ଥାନର ବିଶେଷତ୍ୱ ବା ମହତ୍ୱ ରହିଛି ବୋଲି ଶାସ୍ତ୍ରରେ ବର୍ଣ୍ଣନା ରହିଛି । ତେବେ ଗୟା ଏସବୁ ସ୍ଥାନର ଶୀର୍ଷରେ ରହିଛି । ଗରୁଡ଼ ପୁରାଣରେ କୁହାଯାଇଛି, ପିତୃପୁରୁଷଙ୍କୁ ପିଣ୍ଡଦାନ ପାଇଁ ଘରୁ ବାହାରିବା ପରେ ଗୟାରେ ପହଞ୍ଚିବା ପର୍ଯ୍ୟନ୍ତ ପ୍ରତ୍ୟେକ ପଦକ୍ଷେପ ପିତୃପୁରୁଷଙ୍କ ସ୍ୱର୍ଗାରୋହଣ ପାଇଁ ଗୋଟିଏ ଗୋଟିଏ ସିଡ଼ି ସଦୃଶ । ହିନ୍ଦୁ ପୁରାଣ ଅନୁଯାୟୀ ପିତୃପୁରୁଷଙ୍କ ତିନି ପିଢ଼ି ପିତୃଲୋକରେ ରୁହନ୍ତି । ଏହା ପୃଥିବୀଲୋକ ଓ ଦେବଲୋକ ମଧ୍ୟରେ ଅଛି ।

ଏହିଲୋକର ଅଧିଶ୍ୱର ମୃତ୍ୟୁ ଦେବତା ଯମ । ତୃତୀୟ ପିଢ଼ି ପରେ, ଚତୁର୍ଥ ପିଢ଼ିର ବଂଶଜ ପିତୃଲୋକରେ ପହଞ୍ଚିଲେ, ପ୍ରଥମ ପିଢ଼ିର ପୂର୍ବଜ ସ୍ୱର୍ଗକୁ ଚାଲିଯାନ୍ତି । ତେଣୁ ସେମାନଙ୍କ ପାଇଁ ପିଣ୍ଡ ଦେବା ଆବଶ୍ୟକ ହୁଏନି । ତେଣୁ ପିତୃଲୋକରେ ଥିବା ଆମ ପୂର୍ବଜଙ୍କ ତିନିପିଢ଼ି ପାଇଁ ପିତୃପକ୍ଷରେ ଶ୍ରାଦ୍ଧ ଦିଆଯାଏ । ହିନ୍ଦୁ ପୁରାଣ ଅନୁଯାୟୀ ଆଶ୍ୱିନମାସରେ ପିତୃପକ୍ଷ ଆରମ୍ଭରେ ସୂର୍ଯ୍ୟ କନ୍ୟାରାଶିରେ ପ୍ରବେଶ କରନ୍ତି । ଏହି ସମୟରେ ପିତୃପୁରୁଷଙ୍କ ଆତ୍ମାମାନେ ପିତୃଲୋକ ଛାଡ଼ି ନିଜ ବଂଶଜଙ୍କ ଘରକୁ ଯାଆନ୍ତି । ସୂର୍ଯ୍ୟ ବିଛା ରାଶିକୁ ଆସିଲେ, ସେମାନେ ପୁଣି ପିତୃଲୋକକୁ ଫେରନ୍ତି ।

କିମ୍ବଦନ୍ତୀ କୁହେ ମହାଭାରତ ଯୁଦ୍ଧ ପରେ, ଯେତେବେଳେ ମହାଦାନୀ କର୍ଣ୍ଣଙ୍କ ଆତ୍ମା ପିତୃଲୋକକୁ ଗଲା, ସେଠାରେ ତାଙ୍କୁ ସୁନା ଗହଣା ଆଦି ଖାଇବାକୁ ଦିଆଗଲା । ଖାଦ୍ୟ ନ ପାଇ କର୍ଣ୍ଣ ଏହାର ରହସ୍ୟ ଯମଙ୍କୁ ପଚାରିଲେ । ଯମ କହିଲେ– ଆପଣ ଜୀବନଯାକ ଟଙ୍କା, ସୁନା, ରୂପା ଆଦି ଦାନ କରିଛନ୍ତି । କିନ୍ତୁ ପୂର୍ବଜମାନଙ୍କ ପାଇଁ ଶ୍ରାଦ୍ଧ କରି ସେମାନଙ୍କ ଉଦ୍ଦେଶ୍ୟରେ ଖାଦ୍ୟ ଦାନ କରି ନାହାନ୍ତି । କର୍ଣ୍ଣ କହିଲେ ମୁଁ ମୋ ପୂର୍ବଜଙ୍କ ବିଷୟରେ ଜାଣିନି, ତେଣୁ ସେମାନଙ୍କ ସ୍ମୃତିରେ ଶ୍ରାଦ୍ଧ କରିପାରିନି । ଏହାପରେ ଯମ ତାଙ୍କୁ ପୃଥିବୀଲୋକକୁ ପନ୍ଦର ଦିନ ଫେରି ଶ୍ରାଦ୍ଧ କରିବାକୁ କହିଲେ । ଏ ସମୟ ଥିଲା ପିତୃପକ୍ଷ ।

## ଆଜିର ଚିନ୍ତନ

ଦେବଗୁରୁ ଆଚାର୍ଯ୍ୟ ବୃହସ୍ପତିଙ୍କ ପୁତ୍ର ଥିଲେ କଚ । ସେ ଖୁବ୍ ମହାଦାକାଂକ୍ଷୀ ଥିଲେ । ଏକଦା ବ୍ରହ୍ମ ସାକ୍ଷାତ୍କାର (ପରମେଶ୍ୱରଙ୍କ ଦର୍ଶନ ଜନିତ ଉପଲବ୍ଧି) ନିମନ୍ତେ ତାଙ୍କର ଇଚ୍ଛା ହେଲା । ପିତାଙ୍କର ଅନୁମତି ନେଇ ଜଙ୍ଗଲକୁ ଯାଇ ତପସ୍ୟାରେ ମଗ୍ନ ରହିଲେ । ବର୍ଷେ ଅତିବାହିତ ହୋଇଗଲା ଇତିମଧ୍ୟରେ । ଦିନେ ବୃହସ୍ପତି ପୁଅକୁ ଦେଖା କରିବା ନିମନ୍ତେ ଗଲେ । ଲକ୍ଷ୍ୟ କଲେ କଚ ସ୍ୱଳ୍ପାହାର କରୁଛନ୍ତି । ସ୍ୱଳ୍ପାହାର କାରଣରୁ ଶରୀର କ୍ଷୀଣ ହୋଇ ଯାଇଥାଏ । ପୁଅକୁ ଦେଖି ପିତା ପ୍ରଶ୍ନ କରିଥିଲେ- ପୁତ୍ର ! ତୁମେ ଯେ ବର୍ଷାଧିକ କାଳ ହେଲାଣି ତପସ୍ୟାରେ ଅଛ ଏଥିରୁ ତୁମେ କ'ଣ ପାଇଛ ? କଚ ଉତ୍ତର ଦେଇଥିଲେ- ପିତା ! ମୁଁ ସକଳ ସୁଖସୁବିଧା ତ୍ୟାଗ କରିଦେଇଛି । ଏକନିଷ୍ଠ ଭାବରେ ଧ୍ୟାନମଗ୍ନ ରହିଛି । ତଥାପି ଏଯାବତ୍ ମୋର ଲକ୍ଷ୍ୟ ସିଦ୍ଧିରେ ସଫଳ ହୋଇ ପାରିନାହିଁ । କଚଙ୍କର ମନସ୍ତାପ ଲକ୍ଷ୍ୟ କରି ପିତା ବୁଝାଇ କହିଥିଲେ- 'ପୁତ୍ର ! ବୋଧହୁଏ ତୁମର କୌଣସି ତ୍ରୁଟି ରହିଯାଉଛି ଯାହା ଫଳରେ ତୁମେ ଲକ୍ଷ୍ୟ ସିଦ୍ଧିରେ ସଫଳ ହୋଇପାରୁ ନାହିଁ ।' 'ନା ପିତା, ମୋ ଜାଣିବାରେ ମୁଁ କୌଣସିଥିରେ ତ୍ରୁଟି କରୁନାହିଁ । ଯାହା ତ୍ୟାଗ କଲେ ତପସ୍ୟା ସଫଳ ହୋଇଥାଏ ତାହା ମୁଁ ପାଳନ କରୁଛି । ସ୍ୱଳ୍ପ ଆହାରରେ ଜୀବନ ନିର୍ବାହ କରୁଛି ।' 'ପୁତ୍ର ! ତୁମକୁ ମନେ ରଖିବାକୁ ହେବ ସର୍ବତ୍ୟାଗରେ ହିଁ ତପସ୍ୟା ସଫଳ ହୋଇଥାଏ । ତୁମକୁ ଏ ଦିଗରେ ଯତ୍ନଶୀଳ ହେବାକୁ ପଡ଼ିବ- ଦେବଗୁରୁ ଏହା କହି ଚାଲିଯାଇଥିଲେ । ଏଥର କଚ ବସ୍ତ୍ର ତ୍ୟାଗକରି ଗଛର ବଲ୍କଳ ପରିଧାନ କରିଥିଲେ ଓ ସ୍ୱଳ୍ପାହାରକୁ ପୂର୍ଣ୍ଣ ଭାବରେ ତ୍ୟାଗ କରି ତପସ୍ୟାରେ ମଗ୍ନ ରହିଲେ ।

କିଛିବର୍ଷ ପରେ ବୃହସ୍ପତି ପୁନଃ କଚଙ୍କୁ ଭେଟିବାକୁ ଯାଇଥିଲେ । ତାଙ୍କର ଧାରଣା ଥିଲା ଏଥର କଚ ଲକ୍ଷ୍ୟ ସିଦ୍ଧି (ବ୍ରହ୍ମ ସାକ୍ଷାତକାର)ରେ ସଫଳ ହୋଇଥିବେ ନିଶ୍ଚୟ । ସେହି ପୂର୍ବ ପ୍ରଶ୍ନ ପଚାରିଥିଲେ- ତପସ୍ୟାରେ ତୁମେ କ'ଣ ପାଇଛ ପୁତ୍ର । କଚ ପୂର୍ବଭଳି ସମାନ ଉତ୍ତର ଦେଇଥିଲେ ।

ବୃହସ୍ପତି ଏଥିରେ ଆଶ୍ଚର୍ଯ୍ୟ ପ୍ରକଟ କରି କହିଥିଲେ- ବତ୍ସ ! ମୁଁ ଯେ ତୁମକୁ ସର୍ବତ୍ୟାଗ କଥା କହିଥିଲି ବୋଧହୁଏ ତୁମେ ତାର ଭୁଲ ବ୍ୟାଖ୍ୟା କରିଛ । ସର୍ବତ୍ୟାଗର ଅର୍ଥ ଏହା ନୁହେଁ ଯେ ବସ୍ତ୍ର ତ୍ୟାଗ କରି ଗଛର ବଲ୍କଳ ପରିଧାନ କରିବା କିମ୍ବା ଆହାର ତ୍ୟାଗ କରିବା ଶରୀରକୁ କ୍ଳେଶଦେଇ ଦୀର୍ଘବର୍ଷ ହେବ ତପ ସାଧନା କରିଛ ନିଶ୍ଚୟ । ହେଲେ ଏହାକୁ 'ଶାରୀରିକ ତପସ୍ୟା'ରେ ସୀମାବଦ୍ଧ ନ ରଖି 'ଆନ୍ତରିକ ତପସ୍ୟା'କୁ ଆପଣାଇ ନେବା ଉଚିତ । ପିତା ବୃହସ୍ପତି ଲକ୍ଷ୍ୟ କରିଥିଲେ କଚଙ୍କଠାରେ ସାଧନାଜନିତ ଅହଂକାର- 'ମୁଁ ସବୁ କିଛି ତ୍ୟାଗ କରିଦେଇଛି ।' ବୁଝାଇ ଦେଇଥିଲେ- ତୁମେ ଯେ ସକଳ ତ୍ୟାଗ କରିଛ ବୋଲି କହୁଛ, ହେଲେ ନିଜ ମନଭିତରୁ 'ଅହଂକାର' ରୂପୀ ବଡ଼ ବସ୍ତୁଟିକୁ ତ୍ୟାଗ କରିପାରିନାହିଁ । ଏହାକୁ ତ୍ୟାଗ କରିଦେଲେ ସିଦ୍ଧି ଅପହଞ୍ଚ ହେବନାହିଁ । ତୁମେ ଯାହାକୁ ତ୍ୟାଗ କରିଛ ବୋଲି ଅଭିମାନୀ ହୋଇ ପଡ଼ିଛ ଏବଂ ଯେଉଁ ଇନ୍ଦ୍ରିୟ ଦମନକୁ (ବାହ୍ୟାଚାର) ତପ ବୋଲି ଭାବୁଛ । ତାହାହିଁ ତୁମର ସାଧନାର ସଫଳତା ପଥରେ ଅନ୍ତରାୟ ସୃଷ୍ଟି କରୁଛି । କଚ ଏବେ ନିଜର ଭୁଲ ବୁଝି ପାରିଥିଲେ । ସର୍ବସ୍ୱ ତ୍ୟାଗ ଜନିତ ତାଙ୍କଠାରେ ଯେଉଁ ଅଭିମାନ, ଅହଂକାର ଥିଲା ତାହା ଦୂର କରିଦେଇଥିଲେ ଓ ଭକ୍ତିଭାବ ନେଇ ତପସ୍ୟାରେ ମଗ୍ନ ରହିଥିଲେ । ପରବର୍ତ୍ତୀ ସମୟରେ ବ୍ରହ୍ମସାକ୍ଷାତ୍କାରରେ ସଫଳ ହୋଇଥିଲେ । ଯେପରି ସାଧନାର ପ୍ରାରମ୍ଭରେ ସଂଯମରୂପୀ ଆଧାର ଆବଶ୍ୟକ ସେହିପରି ସାଧନାକାଳରେ ଭକ୍ତିପୂର୍ଣ୍ଣ ପ୍ରାର୍ଥନା ଆବଶ୍ୟକ । ନିର୍ମଳ ହୃଦୟରେ ଭଗବାନଙ୍କ ପ୍ରାର୍ଥନା ହିଁ ଭକ୍ତିର ଶ୍ରେଷ୍ଠ ଆଧାର ଓ ଏହା ସିଦ୍ଧି ଲାଭରେ ସହାୟକ ହୋଇଥାଏ ।

# ମହାଳୟାର ମୌଳିକତା

ଅଶ୍ୱିନ କୃଷ୍ଣପକ୍ଷ ବା କନ୍ୟାର ସୂର୍ଯ୍ୟରେ ପିତୃପୂଜା, ଶ୍ରାଦ୍ଧ ଓ ତର୍ପଣ କରିବା ଶାସ୍ତ୍ରୀୟ ପରମ୍ପରା ରହିଛି । ନିର୍ଣ୍ଣୟ ସିନ୍ଧୁର ଶ୍ରାଦ୍ଧ ନିରୂପଣରେ କୁହାଯାଇଛି, 'ଅଶ୍ୱଯୁକ କୃଷ୍ଣପକ୍ଷେ ତୁ ଶ୍ରାଦ୍ଧ କାର୍ଯ୍ୟ ଦିନେଦିନେ ।' ଆଶ୍ୱିନ ମାସର କୃଷ୍ଣପକ୍ଷ ପିତୃପୂଜା ପାଇଁ ଉଦ୍ଦିଷ୍ଟ । ପୃଥ୍ୱୀ ଚନ୍ଦ୍ରୋଦୟରେ ବୃଦ୍ଧମନୁଙ୍କର ବଚନିକା ରହିଛି- 'ଆଦୌ ମଧ୍ୟ ଅବସାନେ ବା ଯନ୍ତ୍ର କନ୍ୟା ବ୍ରଜେତ୍ ରବିଃ । ସ ପକ୍ଷଃ ତଳେ ଶ୍ରେଷ୍ଠ ଶ୍ରାଦ୍ଧ ଷୋଡଶ ପ୍ରତି ।' ଯେଉଁପକ୍ଷରେ କନ୍ୟା ରାଶିରୁ ସୂର୍ଯ୍ୟ ବାର ଅନ୍ତର ହୁଏ, ସେହି ପକ୍ଷର ଆଦ୍ୟରେ, ମଧ୍ୟରେ ବା ଶେଷରେ ଏହି ପିତୃପକ୍ଷ ପାଳନ କରିବା ବିଧେୟ । ଏହି ସମୟରେ ଯମ ସମସ୍ତ ପ୍ରେତାତ୍ମା ପିତୃପୁରୁଷଙ୍କୁ ଯମାଳୟରୁ ମୁକ୍ତି ଦେଇଥା'ନ୍ତି । ସେମାନେ ଭୂଲୋକକୁ ନିଜ କୁଟୁମ୍ବମାନଙ୍କର ବାୟୁରୂପକ ଅତିଥି ଭାବରେ ଗୃହସ୍ଥର ଦ୍ୱାରସ୍ଥ ହୁଅନ୍ତି । ଏଣୁ ଶ୍ରାଦ୍ଧଚନ୍ଦ୍ରିକାରେ କୁହାଯାଇଛି- ପ୍ରାବୃତ୍ତନ୍ତେ ଯମଃ ପ୍ରେତାନ୍ ପିତୃଶ୍ଚାଥ ଯମାଳୟାତ୍ । ବିରାଜୟତି ଭୂଲୋକଂ କୃତ୍ୱା ଶୂନ୍ୟ ସ୍ୱକଂ ପୁରମ୍ । ତେ କନ୍ୟାତୁଲୟୋ କୁମାଦାୟେ ଦିବାକରଃ । ଶୂନ୍ୟ ପ୍ରେତଯୁକ୍ତ ଯାବତ୍ ବୃଷ୍ଟିକେ ଯାବଦାଗତଃ ।' ଏହିଦିନ ସେହି ପିତୃପୁରୁଷମାନେ ପ୍ରତ୍ୟେକ କୁଟୁମ୍ବ ପରିବାର ଲୋକଙ୍କର ଦ୍ୱାରସ୍ଥ ହୋଇ ଦଧି, କ୍ଷୀର, ଘୃତ, ମିଷ୍ଟାନ୍ନାଦି ଭକ୍ଷଣ ଉଦ୍ଦେଶ୍ୟରେ ମନୋଭାବ ପୋଷଣ କରନ୍ତି । 'ତେ ପତ୍ରାଦଃ ଆକାଂକ୍ଷନ୍ତି ପାୟସଂ ଘୃତଂ ମଧୁସଂଯୁକ୍ତମ୍ । ଯେତେବେଳେ ବନ୍ଧୁକୁଟୁମ୍ବାଦି ନଦିଅନ୍ତି, ତେବେ ସେମାନେ ଦୁଃଖୀ ହୁଅନ୍ତି ଓ ଗୃହ ସ୍ୱାମୀକୁ ଅଭିଶାପ ଦେଇ ନିଜଲୋକକୁ ଫେରିଯାନ୍ତି । କୂର୍ମ ପୁରାଣରେ ବି ଦେଖିବାକୁ ମିଳେ- ପିତୃଶ୍ରାଦ୍ଧକୁ ଅପେକ୍ଷା କରି ଯେତେବେଳେ ନପାଆନ୍ତି, ନିଜ ବଂଶକୁ ନିନ୍ଦାକରି ଅଭିଶାପ ଦେଇ ଦୁଃଖରେ ଲେଉଟି ଯାଆନ୍ତି । ଯଦି ଶ୍ରାଦ୍ଧ ପାଆନ୍ତି ତେବେ ଶ୍ରାଦ୍ଧକାରୀଙ୍କ ମନୋବାଞ୍ଛା ପୂରଣ ପୂର୍ବକ ଫଳପ୍ରାପ୍ତ କରି ସୁଖୀ ହୁଅନ୍ତି । ଏଥିପାଇଁ ମହାଳୟା ଶ୍ରାଦ୍ଧକୁ ନିତ୍ୟ ଓ କାର୍ଯ୍ୟ ଦୁଇ ଭାଗରେ ବିଭକ୍ତ କରାଯାଇଛି । ଆଶ୍ୱିନ ଶୁକ୍ଳପକ୍ଷ ପ୍ରତିପଦା ସହିତ ଆଶ୍ୱିନ କୃଷ୍ଣପକ୍ଷକୁ ଷୋଡଶ ଦିନାତ୍ମକ ଶ୍ରାଦ୍ଧ କୁହାଯାଏ । ଏହି ୧୬ ଦିନଯାକ ମହାଳୟା ଶ୍ରାଦ୍ଧ କରିବାର ମଧ୍ୟ ଶାସ୍ତ୍ରୀୟ ଆଦେଶ ରହିଛି । ଅସମର୍ଥ ହୋଇ ପଞ୍ଚମୀରୁ ଆରମ୍ଭକରି ୧୧ଦିନ ବା ଅଷ୍ଟମୀରୁ ଆରମ୍ଭ କରି ଆଠ ଦିନ କିମ୍ବା ଏକାଦଶୀଠାରୁ ଆରମ୍ଭ କରି ପାଞ୍ଚଦିନ ମହାଳୟା ଶ୍ରାଦ୍ଧ କରାଯାଇପାରେ । ଯଦି ପାଞ୍ଚଦିନ ଶ୍ରାଦ୍ଧ କରି ନହୁଏ, ତେବେ ପିତାଙ୍କର ମରଣ ତିଥିଦିନ କିମ୍ବା ପିତୃପକ୍ଷରେ କୌଣସି ଗୋଟିଏ ଦିନ ଏକ ମହାଳୟା ଶ୍ରାଦ୍ଧ କରିବାର ବିଧାନ ମଧ୍ୟ ରହିଛି । ଏହାକୁ 'ସକୃତ ମହାଳୟା ଶ୍ରାଦ୍ଧ' ବୋଲି କୁହାଯାଏ । 'ଅଶତଃ ପକ୍ଷେ ମଧ୍ୟ ତୁ କୁର୍ଯ୍ୟାଦେକମ୍ ଦିନେଽପିବା ।' ଯଦି ଏହି ଏକଦିନ ମାତ୍ର ପାଳନ କରି ନପାରେ ତେବେ ମାନବ ଅତ୍ୟନ୍ତ ଦୁଃଖୀ ହୁଏ । ଏହାର କୁଫଳ ସମ୍ବନ୍ଧରେ ଆଲୋଚନା କରି ଗାର୍ଗୀ କହିଛନ୍ତି- 'ଶ୍ରାଦ୍ଧ ନକୁର୍ବନ୍ତେ ତତ୍ର ତଥ୍ୟ ରକ୍ତ ପିବନ୍ତି ତେ ।'

ସ୍ମୃତି ଶାସ୍ତ୍ରରେ ଉଲ୍ଲେଖ ଅଛି ଯେ- ପିତା, ପିତାମହ, ପ୍ରପିତାମହ, ମାତା, ମାତାମହୀ, ପ୍ରମାତାମହୀ, ବୃଦ୍ଧ ପ୍ରମାତାମହୀ, ପିତାମହୀ, ପ୍ରପିତାମହୀ, ବୃଦ୍ଧ ପିତାମହୀ, ବିମାତା, ନିଜର ସ୍ତ୍ରୀ, ପୁତ୍ର, ପୁତ୍ରୀ, ପିତା, ଭ୍ରାତା, ମାମୁଁ, ନିଜର ଭ୍ରାତା, ପିତାଙ୍କ ଭଗିନୀ (ପିଉସୀ) ମାତୃ ଭଗିନୀ (ମାଉସୀ) ନିଜର ଭଉଣୀ, ସ୍ୱାମୀ ସହିତ ଶଶୁର, ଶାଶୁ, ଗୁରୁ, ଶିଷ୍ୟ, ମିତ୍ର, ଆଶ୍ରିତ ଦାସାଦି ସମସ୍ତେ ମହାଳୟା ଶ୍ରାଦ୍ଧର ଅଧିକାରୀ । ପିତୃପକ୍ଷରେ ୧୬ଦିନ, ୧୧ଦିନ, ୮ଦିନ, ୫ଦିନ ବା ୧ଦିନ ମାତ୍ର ଶକ୍ତି ଅନୁସାରେ ଶ୍ରାଦ୍ଧ ତର୍ପଣାଦି ବିଧି ବିଧାନ କରିବାର ରହିଛି । ନବ ଦୈବତ୍ୟ ପାର୍ବଣ ଓ ଅନ୍ୟ ସମସ୍ତଙ୍କର ଏକୋଦ୍ଦିଷ୍ଟ ଏହି ମହାଳୟା ଶ୍ରାଦ୍ଧର ଯଥାର୍ଥ ସ୍ୱରୂପ ରହିଛି । ଦ୍ରବ୍ୟାଭାବୀ, ସମୟାଭାବୀ ଓ ଅସୁସ୍ଥ ବ୍ୟକ୍ତି ଅପରପକ୍ଷ ୧୫ଦିନତକ ଶ୍ରାଦ୍ଧ କରିବା ପାଇଁ ଅସମର୍ଥ ହେଲେ ମଧ୍ୟ ଦିନକ ପାଇଁ ସକୃତ୍ ମହାଳୟା ଶ୍ରାଦ୍ଧ ଅନୁଷ୍ଠାନ କରି ସାରା ବର୍ଷ ପାଇଁ ସମସ୍ତ ପିତୃପୁରୁଷଙ୍କୁ ସନ୍ତୁଷ୍ଟ କରି ନିଜର ଜୀବନକୁ ସୁସ୍ଥମୟ କରିପାରେ । ପୂର୍ଣ୍ଣଶ୍ରଦ୍ଧା ଓ ଦୃଢ଼ ବିଶ୍ୱାସ ସ୍ଥାପନ କରି ଉକ୍ତ ପବିତ୍ର କାର୍ଯ୍ୟ କରିବା ଦ୍ୱାରା ସମସ୍ତ କାମନା ପୂର୍ଣ୍ଣ ହେବା ସହିତ ସମସ୍ତ କାର୍ଯ୍ୟ ସିଦ୍ଧି ହୁଏ ।

ଏହି ଅପରପକ୍ଷରେ କେତେକ ସାମାଜିକ କଟକଣା ରହିଛି । ପରହାଣ୍ଡିର ରନ୍ଧା ଖାଇବା, ତେଲ ଲଗାଇବା, ଖିଅର ହେବା, ନଖାଦି କାଟିବା ଇତ୍ୟାଦିକୁ ବାରଣ କରାଯାଇଛି । ତର୍ପଣ ନସରିବା ପର୍ଯ୍ୟନ୍ତ ଘରୁ କାହାରିକୁ ନିଆଁ, କିମ୍ବା ଭିକ୍ଷା ଦିଆଯାଏ ନାହିଁ । ଶ୍ରାଦ୍ଧ ନସରିବା ପର୍ଯ୍ୟନ୍ତ ଗାଈକୁ ଘାସ ମଧ୍ୟ ଖାଇବାକୁ ଦିଆଯାଏ ନାହିଁ । ପିତୃପକ୍ଷରେ କଳହ, ରାଗ, ଦ୍ୱେଷ, କ୍ଷୋଭ ପ୍ରକାଶ କରାଯାଏ ନାହିଁ । ୧୫ଦିନଯାକ ବ୍ରାହ୍ମଣମାନେ ତର୍ପଣ ବସୁଦେବାଦି କରିଥା'ନ୍ତି ଓ ଅମାବାସ୍ୟା ଦିନ ଶ୍ରାଦ୍ଧ ଅର୍ପଣ କରନ୍ତି । ଶୂଦ୍ରମାନେ ଭାତ ପିଣ୍ଡ ଦାନ କରି ଚାଉଳ, ଛତୁ ବା ମହାପ୍ରସାଦ ମାଧ୍ୟମରେ ବାଇଶି ପାହାଚ ବା ଶ୍ୱେତଗଙ୍ଗାରେ ପିଣ୍ଡଦାନ କରିଥା'ନ୍ତି । କେହି କେହି ମଧ୍ୟ ଅନ୍ୟ ତୀର୍ଥ ପୁଷ୍କରିଣୀଗୁଡ଼ିକରେ ପିଣ୍ଡଦାନ କରିବାର ନଜିର ରହିଛି ।

ଶ୍ରୀକ୍ଷେତ୍ର

ବର୍ଷ ୨୬, ସଂଖ୍ୟା- ୩୮, ୧୮ - ୨୪ ସେପ୍ଟେମ୍ବର ୨୦୨୨

# ଚିନ୍ତା ବଢ଼ାଉଛି ବଜାର ଦର

**ସଂ**ପ୍ରତି ଅତ୍ୟାବଶ୍ୟକ ସାମଗ୍ରୀ ଦର ହୁ ହୁ ହୋଇ ବଢ଼ିବାରେ ଲାଗିଛି । ଦର ବୃଦ୍ଧିରେ ପେଷି ହୋଇଗଲେଣି ଗରିବ ଆଉ ନିମ୍ନ ମଧବିତ୍ତ ଶ୍ରେଣୀର ଲୋକେ । ହାଣ୍ଡିଶାଳରେ ପଡିଛି ଚଡ଼କ । ଘରର ନିତିଦିନିଆ ଖର୍ଚ୍ଚ ତୁଲାଇବାରେ ଅଣନିଶ୍ୱାସୀ ହୋଇଗଲେଣି ଗୃହିଣୀ ଓ ଆଉ କାମ ଦଉନି ମାସିକ ବଜେଟରେ କାଟ୍‌ଛାଣ୍ଟ ଯୋଜନା । ହାତ ଟେକିଦେଲେଣି ଘର ମୁରବି । ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ପରେ ତେଜରାତି ସାମଗ୍ରୀଠାରୁ ଆରମ୍ଭ କରି ରନ୍ଧନ ଗ୍ୟାସ୍, ବିଦ୍ୟୁତ୍ ଆଉ ଟେଲିକମ୍ ବିଲ୍ ମହଙ୍ଗା ହେବା ଖାଉଟିଙ୍କ ଉପରେ ବେଡ଼ି ଉପରେ କୋରଡ଼ା ମାଡ଼ ସଦୃଶ । ଏଭଳି ସମୟରେ ଅଗଷ୍ଟ ମାସରେ ପୁଣି ଥରେ ଖୁଚୁରା ମୁଦ୍ରାସ୍ଫୀତି ୭%କୁ ବୃଦ୍ଧି ପାଇ ମହଙ୍ଗାମାଡ଼କୁ ଆହୁରି ତୀବ୍ରତର କରିଛି । ବିଶେଷ କରି ଡାଲି, ଚାଉଳ, ଗହମ ଏବଂ ପନିପରିବା ଭଳି ଖାଦ୍ୟ ସାମଗ୍ରୀର ମୂଲ୍ୟରେ ବୃଦ୍ଧି ହେତୁ ମୁଦ୍ରାସ୍ଫୀତି ଉର୍ଦ୍ଧ୍ୱଗାମୀ ହୋଇଛି । କେନ୍ଦ୍ର ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରାଳୟ ପକ୍ଷରୁ ପ୍ରକାଶିତ ଉପଭୋକ୍ତା ମୂଲ୍ୟ ସୂଚକାଙ୍କ (ସିପିଆଇ) ଆଧାରିତ ଖୁଚୁରା ମୁଦ୍ରାସ୍ଫିତି ତଥ୍ୟରୁ ଏହା ଜଣାଯାଇଛି । ଗତ ଜୁନ୍ ମାସରେ ସିପିଆଇ ୧୭୨.୬୦ ପଏଣ୍ଟ ଥିବା ବେଳେ ଜୁଲାଇରେ ଏହା ବୃଦ୍ଧି ପାଇ ୧୭୩.୪୦ ପଏଣ୍ଟରେ ପହଞ୍ଚିଛି ।

କ୍ରମାଗତ ଭାବେ ତିନିମାସ ଧରି ହ୍ରାସ ପରେ ପୁନର୍ବାର ବଢ଼ିବା ଖୁଚୁରା ମୁଦ୍ରାସ୍ଫୀତି ନିୟନ୍ତ୍ରଣ ନେଇ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଚଳାଇଥିବା ପ୍ରୟାସକୁ ବଡ଼ ଝଟ୍‌କା ଲାଗିଥିବା କୁହାଯାଉଛି । ଏସବୁକୁ ବିଚାରକୁ ନେଲେ ୨୦୨୩ ଯାଏ ଦରଦାମ୍ ହ୍ରାସ ଘଟିବା ସମ୍ଭାବନା କ୍ଷୀଣ ବୋଲି ଏବେଠୁ ଜଳଜଳ ଦିଶୁଛି, ଯାହା ଆଗାମୀ ଦିନରେ ସାଧାରଣ ଖାଉଟିଙ୍କ ଦୈନନ୍ଦିନ ଜୀବନକୁ ବିପର୍ଯ୍ୟସ୍ତ କରିପକାଇବ ।

ତିନି ମାସ ଧରି ହ୍ରାସ ପରେ ଅଗଷ୍ଟରେ ଦେଶର ଖୁଚୁରା ମୁଦ୍ରାସ୍ଫୀତି ୭%କୁ ବୃଦ୍ଧି ପାଇଛି, ଯାହାକି ଜୁଲାଇରେ ୬.୭% ରହିଥିଲା । ଏହା ଏକ ବର୍ଷ ପୂର୍ବେ ଅର୍ଥାତ୍ ୨୦୨୧ ଅଗଷ୍ଟରେ ୫.୩୦% ରହିଥିଲା । ଖାଦ୍ୟ ସାମଗ୍ରୀର ମୂଲ୍ୟ ବିଶେଷ କରି ଡାଲି, ଚାଉଳ, ଗହମ ଏବଂ ପନିପରିବା ମୂଲ୍ୟ ବୃଦ୍ଧି ହେତୁ ମୁଦ୍ରାସ୍ଫୀତି ବୃଦ୍ଧି ପାଇଛି । ଏଥର ରେକର୍ଡ ଗରମ ହେତୁ ଗହମ, ଚାଉଳ ଏବଂ ଡାଲି ଉତ୍ପାଦନ ପ୍ରଭାବିତ ହୋଇଛି । ଫଳରେ ଏହି ସବୁ ସାମଗ୍ରୀ ଦର ବୃଦ୍ଧି ପାଇଛି । ଇତିମଧ୍ୟରେ ଖୁଚୁରା ବଜାରରେ ଚାଉଳ କିଲୋ ପିଛା ୩ ମାସ ମଧ୍ୟରେ ୩୦ରୁ ୪୦ ଟଙ୍କା ଟପିଯାଇଥିବା ବେଳେ ଅଟା କିଲୋ ୪୫ ଟଙ୍କା ଉପରେ ପହଞ୍ଚିଛି । ସେହିପରି ଉପରୋକ୍ତ ସମୟ ମଧ୍ୟରେ ଖୁଚୁରା ବଜାରରେ ଡାଲି ମୂଲ୍ୟ କିଲୋ ପିଛା ୧୦୦ ଟଙ୍କାରୁ ବୃଦ୍ଧି - ପାଇ ୧୧୫ ଟଙ୍କାରେ ପହଞ୍ଚିଛି । ଖାଦ୍ୟ ମୁଦ୍ରାସ୍ଫୀତି ଅଗଷ୍ଟ ମାସରେ ୭.୬୨%ରୁ ଜୁଲାଇରେ ୬.୬୯%କୁ ବୃଦ୍ଧି ପାଇଛି । ଜୁନ୍ ମାସରେ ଏହା ୭.୭୫% ରହିଥିଲା । ମେ' ମାସରେ ଏହା ୭.୯୭% ଏବଂ ଏପ୍ରିଲରେ ୮.୩୮% ଥିଲା । କ୍ରମାଗତ ୮ ମାସ ପାଇଁ ଖୁଚୁରା ମୁଦ୍ରାସ୍ଫିତି ଆରବିଆଇର ସର୍ବୋଚ୍ଚ ସୀମା ୬% ଉପରେ ରହିଆସିଛି । ଚଳିତବର୍ଷ ଜାନୁୟାରୀରେ ଖୁଚୁରା ମୁଦ୍ରାସ୍ଫୀତି ୬.୦୧%, ଫେବୃଆରୀରେ ୬.୦୭%, ମାର୍ଚ୍ଚରେ ୬.୯୫%, ଏପ୍ରିଲରେ ୭.୭୯%, ମେ'ରେ ୭.୦୪% ଏବଂ ଜୁନ୍‌ରେ ୭.୦୧% ରେକର୍ଡ କରାଯାଇଛି । ଏସବୁବାଦ୍ ବର୍ତ୍ତମାନ ସମୟରେ ବିଶ୍ୱ ବଜାରରେ ଅଶୋଧିତ ତେଲ ଦରରେ ଏହି ୩ ମାସ ମଧ୍ୟରେ ୩୦% ହ୍ରାସ ଘଟି ବ୍ୟାରେଲ ପିଛା ୮୦ ଡଲାର ତଳକୁ ଖସିଆସିଛି । ଏହା ସତ୍ତ୍ୱେ ମୁଦ୍ରାସ୍ଫୀତି ସତ୍ତ୍ୱେ ମୁଦ୍ରାସ୍ଫୀତି କମିବାର ନାମ ଧରୁନାହିଁ । କାରଣ ଅଶୋଧିତ ତେଲ ଦର କମୁଥିଲେ ସୁଦ୍ଧା ସେହି ଅନୁପାତରେ ଘରୋଇ ବଜାରରେ ପେଟ୍ରୋଲ ଏବଂ ଡିଜେଲ ଦର ଓ ରନ୍ଧନ ଗ୍ୟାସ୍ ମୂଲ୍ୟରେ କୌଣସି ହ୍ରାସ ଘଟୁନାହିଁ, ଯାହାର ଖୁଚୁରା ମୁଦ୍ରାସ୍ଫୀତି କ୍ଷେତ୍ରରେ ଏକ ବଡ଼ ଭୂମିକା ରହିଛି । କ୍ରମାଗତ ଭାବେ ୩୫ ମାସ ପାଇଁ ସିପିଆଇ ଭିତ୍ତିକ ମୁଦ୍ରାସ୍ଫୀତି ବର୍ତ୍ତମାନ ଆରବିଆଇର ମଧ୍ୟମ ମିଆଦ ଲକ୍ଷ୍ୟଠାରୁ ୪ ପ୍ରତିଶତ ଏବଂ କ୍ରମାଗତ ୮ ମାସ ପାଇଁ ସହନଶୀଳତା ସୀମା ୨-୬ ପ୍ରତିଶତ ଉପରେ ରହିଛି । ମୁଦ୍ରାସ୍ଫୀତି ନିୟନ୍ତ୍ରଣ କରିବା ପାଇଁ ଆରବିଆଇ ଗତ ତିନିଟି ଯାକ ମୁଦ୍ରା ନୀତି ସମୀକ୍ଷା ସମୟରେ ରେପୋ ହାରକୁ ୧.୪୦ ପ୍ରତିଶତ, ବୃଦ୍ଧି କରିଛି । ହେଲେ ଏବେ ଏସବୁ ପ୍ରୟାସ ଫେଲ୍ ମାରିଥିବା ପ୍ରମାଣିତ ହୋଇଛି । କାରଣ ଆରବିଆଇର ଉଦ୍ୟମକୁ ଚକିତ କରି ଅଗଷ୍ଟରେ ସିପିଆଇ ୭ ପ୍ରତିଶତ ବୃଦ୍ଧି ପାଇଛି । ଦେଶରେ ଅନ୍ୟପକ୍ଷରେ ଅନିୟମିତ ମୌସୁମୀ ବର୍ଷା ଯୋଗୁ ଆଗାମୀ ଦିନରେ ବ୍ୟାପକ ଫସଲହାନୀର ସଙ୍କେତ ଦେଉଛି । ଯଦି ଏହା ହୁଏ, ତେବେ ପ୍ରତିକୂଳ ଜଳବାୟୁ ଯୋଗୁଁ ଆସନ୍ତା ମାସଗୁଡିକରେ ଖାଦ୍ୟ ସାମଗ୍ରୀ ମୂଲ୍ୟରେ ଆହୁରି ବୃଦ୍ଧି ଘଟିବାର ଆଶଙ୍କା ବଢ଼ିଯାଇଛି । ଅଶୋଧୂତ ତୈଳ, ଦ୍ରବ୍ୟ ମୂଲ୍ୟ, ଉତ୍ପାଦନ ଖର୍ଚ୍ଚ ବ୍ୟତୀତ ଅନ୍ୟାନ୍ୟ ଅନେକ ଜିନିଷ ରହିଛି ଯାହା ଆମ ଦେଶରେ ଖୁଚୁରା ମୁଦ୍ରାସ୍ୱୀତି ହାର ନିର୍ଣ୍ଣୟ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏଫ ପ୍ରାୟ ୨୯୯ ଟି ସାମଗ୍ରୀ ରହିଛି, ଯାହାର ମୂଲ୍ୟ ଆଧାରରେ ଖୁଚୁରା ମୁଦ୍ରାସ୍ଫୀତି ହାଉ ସ୍ଥିର ହୋଇଥାଏ । ତେଣୁ ଯଥାଶୀଘ୍ର ଏହିସବୁ ସାମଗ୍ରୀର ବଜାର ମୂଲ୍ୟରେ ହ୍ରାସ ନ ଘଟିଲେ ଖୁଚୁରା ମୁଦ୍ରାସ୍ଫୀତି ରୋକିବା କାଠିକର ପାଠ ହୋଇପଡ଼ିବ ।

# ବୋମାବିଷର ପ୍ରତିବିଷ

## ମହାତ୍ମା ଗାନ୍ଧୀ



**ପୁ**ରୁଷ, ନାରୀ ଓ ଶିଶୁମାନଙ୍କୁ ସଂପୂର୍ଣ୍ଣଭାବରେ ମୂଳପୋଛ କରି ମାରିଦେବା ପାଇଁ ପରମାଣୁ ବୋମାର ପ୍ରୟୋଗକୁ ମୁଁ ବିଜ୍ଞାନର ପୈଶାଚିକତମ ପ୍ରୟୋଗ ବୋଲି କହିବି ।

ସେହି ପ୍ରତିବିଷଟି କ'ଣ? ତାହା କ'ଣ ଅହିଂସାକୁ ମଧ ପୁରୁଣା ବୋଲି ସାବ୍ୟସ୍ତ କରି ଦେଇଛି କି ? ନାହିଁ । ଓଲଟି, ବର୍ତ୍ତମାନ କେବଳ ଏହି କ୍ଷେତ୍ରରେ ଅହିଂସା ହିଁ ଏକମାତ୍ର ବାକି ରହିଛି । ପରମାଣୁ ବୋମା କେବଳ ଅହିଂସାକୁ ହିଁ ଧ୍ୱଂସ କରିପାରିବ ନାହିଁ । ପରମାଣୁ ବୋମା ହିରୋସିମା ସହରକୁ ନିଶ୍ଚିହ୍ନ କରିଦେଇଛି ବୋଲି ପ୍ରଥମେ ଶୁଣିବାମାତ୍ରକେ ମୋ'ର ଗୋଟିଏହେଲେ ମାଂସପେଶୀ ଉତ୍ତେଜିତ ହୋଇପଡ଼ି ନ ଥିଲା । ଓଲଟି ମୁଁ ମନେ ମନେ କହିଥିଲି, ''ପୃଥବୀ ଯଦି ବର୍ତ୍ତମାନ ଅହିଂସାକୁ ଗ୍ରହଣ ନ କରିବ, ତେବେ ଏହା ମାନବସମାଜ ଲାଗି ନିଶ୍ଚିତ ଆତ୍ମଘାତିତାକୁ ଡାକି ନେଇଆସିବ ।

ମୋ'ର କୌଣସି ସନ୍ଦେହ ନାହିଁ ଯେ, ବୃହତ୍ ଜାତିମାନେ ସେମାନଙ୍କର ଶୋଷଣର ଆକାଂକ୍ଷା ଏବଂ ହିଂସାର ମନୋଭାବକୁ ତ୍ୟାଗ ନ କଲେ ପୃଥିବୀରେ ଶାନ୍ତି ଲାଗି ଆଉ କୌଣସି ଆଶା ହିଁ ରହିବ ନାହିଁ । ଯୁଦ୍ଧ ହେଉଛି ସେହି ହିଂସାର ହିଁ ଏକ ସ୍ୱାଭାବିକ ପରିଣାମ ଏବଂ ପରମାଣୁ ବୋମା ତାହାରି ଅନିବାର୍ଯ୍ୟ ପରିମାଣ । ବିଶ୍ୱଯୁଦ୍ଧ ସମୟରେ ମୁଁ ସେହି କଥା କହିବାପାଇଁ ଚେଷ୍ଟା କରିଥିଲି ଏବଂ ବ୍ରିଟିଶ୍ ଜନସାଧାରଣଙ୍କୁ, ହିଟଲର୍ ଓ ଜାପାନୀମାନଙ୍କୁ ଖୋଲା ଚିଠିମାନ ମଧ ଲେଖୁଥିଲି । ମୋ'ର ଏହିସବୁ ଶ୍ରମ ସକାଶେ ମୋତେ ପଞ୍ଚମ ବାହିନୀ କହି ନିନ୍ଦା କରାଯାଇଥିଲା ।

ଏହି ଗୋଷ୍ଠୀରେ ସର୍ବପ୍ରଥମ ବ୍ୟକ୍ତି ହେଉଛନ୍ତି ଜୋରୋ ଆଷ୍ଟର୍ ସେ ପ୍ରାଚ୍ୟର ଅଧିବାସୀ ଥିଲେ । ତାଙ୍କ ପରେ ବୁଦ୍ଧ ଆସିଲେ ସିଏ ମଧ ପ୍ରାଚ୍ୟର, ଭାରତବର୍ଷର ଥିଲେ । ତା' ପୂର୍ବରୁ ମୋଜେସ୍ ଥିଲେ, ମିଶରରେ ଜନ୍ମ ହୋଇଥିଲେ ମଧ ସେ ପାଲେଷ୍ଟାଇନ୍‌ର ଅଧିବାସୀ ଥିଲେ । ଯୀଶୁଙ୍କ ପରେ ମହମ୍ମଦ ଆସିଥିଲେ । ଏଠାରେ ମୁଁ କୃଷ୍ଣ, ରାମ ଓ ଅନ୍ୟ ଆଲୋକମାନଙ୍କର ନାମୋଲ୍ଲେଖ କରିନାହିଁ । ସେମାନଙ୍କୁ ମୁଁ ଆଲୋକ ହିସାବରେ ଅପେକ୍ଷାକୃତ ସାନ ବୋଲି କହୁନାହିଁ, ମାତ୍ର ସାହିତ୍ୟିକ ଜଗତରେ ସେମାନେ ଅପେକ୍ଷାକୃତ କମ୍ ପରିଚିତ ରହିଛନ୍ତି । ତଥାପି, ପୃଥିବୀରେ ମୁଁ ଆଉ ଜଣେହେଲେ କାହାକୁ ଜାଣିନାହିଁ, ଯିଏକି ଏସିଆର ଏହି ବ୍ୟକ୍ତିମାନଙ୍କର ସମକକ୍ଷ ହୋଇ ପାରିବ ଏବଂ ତା'ପରେ କ'ଣ ଘଟିଲା । ପାଶ୍ଚାତ୍ୟ ଦେଶଗୁଡ଼ିକୁ ଯାଇ ଖ୍ରୀଷ୍ଟିଆନ୍ ଧର୍ମ ବିକୃତ ହୋଇଗଲା । ଏକଥା କହୁଥିବାରୁ ମୁଁ ଅତ୍ୟନ୍ତ ଦୁଃଖିତ । ମୁଁ ଆଉ ଅଧିକ କିଛି କହିବି ନାହିଁ ।

ଆପଣମାନଙ୍କୁ ମୁଁ ଏସିଆର ସନ୍ଦେଶଟିକୁ ବୁଝିବାଲାଗି ଅନୁରୋଧ କରୁଛି । ପାଶ୍ଚାତ୍ୟର ଚଷମା ପିନ୍ଧି କିମ୍ବା ପରମାଣୁ ବୋମାର ଅନୁକରଣ କରି ସେହି ସନ୍ଦେଶଟିକୁ ଆଦୌ ଶିକ୍ଷା କରିହେବ ନାହିଁ । ଯଦି ଆପଣମାନେ ପାଶ୍ଚାତ୍ୟ ଜଗତକୁ କୌଣସି ବାର୍ତ୍ତା ଦେବାକୁ ଇଚ୍ଛା କରନ୍ତି, ତେବେ ପ୍ରେମର ଏବଂ ସତ୍ୟର ହିଁ ବାର୍ତ୍ତା ଦେବାକୁ ପଡ଼ିବ ।... ପ୍ରଜାତନ୍ତ୍ରର ଏହି ଯୁଗରେ, ଦରିଦ୍ରରୁ ଦରିଦ୍ରତମ ମନୁଷ୍ୟମାନେ ମଧ ଜାଗ୍ରତ ହୋଇ ଉଠୁଥିବାର ଏହି ଯୁଗରେ, ଆପଣମାନେ ବୃହତ୍ତମ ମହତ୍ୱ ପ୍ରଦାନ କରି ଏହି ବାର୍ତ୍ତାଟିକୁ ପୁନର୍ବାର ଦେଇ ପାରିବେ । ପାଶ୍ଚାତ୍ୟ ଜଗତ ଆପଣମାନଙ୍କୁ ଶୋଷଣ କରିଛି ବୋଲି ତାହାର ପ୍ରତିଶୋଧ ନେଇ ନୁହେଁ, ମାତ୍ର ଯଥାର୍ଥ ବୁଝାମଣା ଦ୍ୱାରା ହିଁ ଆପଣମାନେ ପାଶ୍ଚାତ୍ୟ ଉପରେ ନିଜର ବିଜୟକୁ ସଂପୂର୍ଣ୍ଣ କରିପାରିବେ । ମୁଁ ଆଶା କରୁଛି ଯେ, ଯଦି ଆପଣମାନେ ସମସ୍ତେ କେବଳ ମଥାଗୁଡ଼ିକୁ ନୁହେଁ, ଆପଣାର ହୃଦୟଗୁଡ଼ିକୁ ମଧ ଏକାଠି କରି ଆଣିପାରିବେ, ଏବଂ ପ୍ରାଚ୍ୟର ଏହି ପ୍ରଜ୍ଞାଶୀଳ ବ୍ୟକ୍ତିମାନେ ଆମଲାଗି ରଖୁ ଯାଇଥିବା ସନ୍ଦେଶଟିର ରହସ୍ୟକୁ ବୁଝିବେ ଏବଂ ଯଦି ଆମେମାନେ ପ୍ରକୃତରେ ସେହି ବୃହତ୍ ବାର୍ତ୍ତାଟିର ଯୋଗ୍ୟ ହୋଇପାରିବା, ତେବେ ପାଶ୍ଚାତ୍ୟ ଉପରେ ଆମର ବିଜୟ ପୂରା ହୋଇଯିବ । ସ୍ୱୟଂ ପାଶ୍ଚାତ୍ୟ ମଧ ସେହି ବିଜୟକୁ ଅବଶ୍ୟ ଭଲପାଇବ । ଆଜି ପାଶ୍ଚାତ୍ୟ ଜଗତ ଯଥାର୍ଥ ଜ୍ଞାନ ଲାଗି ସନ୍ତାପିତ ହୋଇ ରହିଛି । ପରମାଣୁ ବୋମାଗୁଡ଼ିକର ସଂଖ୍ୟା ବଢ଼ାଇ ଏହା ହତାଶ ହେବାରେ ଲାଗିଛି । କାରଣ, ପରମାଣୁ ବୋମାଦ୍ୱାରା କେବଳ ପାଶ୍ଚାତ୍ୟ ଜଗତ ନୁହେଁ, ସମସ୍ତ ଜଗତ ହିଁ ମୂଳପୋଛ ହୋଇଯିବ । ସତେଯେପରି ବାଇବେଲ୍‌ରେ ରହିଥିବା ଭବିଷ୍ୟବାଣୀଟି ପ୍ରକୃତରେ ଫଳିବାକୁ ଯାଉଛି ଏବଂ ଏକ ସମ୍ପୂର୍ଣ୍ଣ ପ୍ରଳୟ ଆସନ୍ନ ହୋଇ ଆସିଲାଣି । ଆପଣମାନେ ହିଁ ପୃଥିବୀକୁ ତାହାର ଦୁଷ୍ଟତା ଓ ତାହାର ପାପ ବିଷୟରେ କହି ପାରିବେ ; ଆପଣମାନଙ୍କର ଗୁରୁମାନେ ଓ ମୋ'ର ଗୁରୁମାନେ ସେହି ପରମ୍ପରାଟି ବିଷୟରେ ଏସିଆକୁ ଶିକ୍ଷା ଦେଇ ଯାଇଛନ୍ତି ।

ହିଂସାର ଯେକୌଣସି ଅସ୍ତ୍ର, ତାହା ପରମାଣୁ ବୋମା ହୋଇଥାଉ ପଛକେ, ଯଥାର୍ଥ ଅହିଂସା ସହିତ ତୁଳନା କଲାବେଳେ ପ୍ରକୃତରେ ନିରର୍ଥକ ହିଁ ପ୍ରମାଣିତ ହୁଏ ।

# ମହାଳୟା - ତର୍ପଣ - ଶ୍ରାଦ୍ଧ

**ଆ**ଶ୍ୱିନ ମାସ ପ୍ରତିପଦା ଠାରୁ ଅମାବାସ୍ୟା ପର୍ଯ୍ୟନ୍ତ ପକ୍ଷକୁ ପିତୃପକ୍ଷ' ବା 'ଅପରପକ୍ଷ' କୁହାଯାଏ । ବିଶ୍ୱାସ ରହିଛି ଯେ, ପିତୃ ଲୋକମାନେ କୁଟୁମ୍ବମାନଙ୍କଠାରୁ ପାଣି ଓ ଖାଦ୍ୟ ଗ୍ରହଣ କରିବା ପାଇଁ ଏହି ସମୟରେ ମର୍ତ୍ତ୍ୟଲୋକକୁ ଆଗମନ କରନ୍ତି । ଦୀପଦାନ ଶ୍ରାଦ୍ଧ(କାର୍ତ୍ତିକ ଅମାବାସ୍ୟା ବା ଦୀପାବଳି ଅମାବାସ୍ୟା) ପର୍ଯ୍ୟନ୍ତ ଅବସ୍ଥାନ କରି ଫେରିଯାଆନ୍ତି । ତିଳ ଓ ଜଳଦ୍ୱାରା ବା କେବଳ ଜଳଦ୍ୱାରା ପିତୃଲୋକମାନଙ୍କର ତୃପ୍ତିବିଧାନ କରାଯାଏ ।

ମନ୍ତ୍ରବଳରେ ଜଳର ଓ ଅନ୍ୟ ଦ୍ରବ୍ୟର ପରିମାଣ ପିତୃମାନେ ଯେଉଁ ଅବସ୍ଥାରେ ଥିଲେ ମଧ ତାଙ୍କୁ ପ୍ରାପ୍ତି ହୋଇଥାଏ । ଶରୀର ନାଶ ହେଲେ ମଧ ଆତ୍ମା ଅବିନାଶୀ ସେ ଯେକୌଣସି ଶରୀରରେ ଆଶ୍ରୟ ନିଏ । ରାଶି ଓ କୁଶ ଏକତ୍ର କରି ତର୍ପଣ କଲେ, ତାହା ଅମୃତତୁଲ୍ୟ ହୋଇ ପିତୃମାନଙ୍କୁ ପ୍ରାପ୍ତି ହୋଇଥାଏ । ତିଳ ମିଶ୍ରିତ କରି ଯିଏ ତିନିଥର ଜଳାଞ୍ଜଳି ଅର୍ପଣ କରନ୍ତି ତାଙ୍କର କୃତପାପ ନାଶ ହୁଏ ।

ସେହିପରି କୁହାଯାଇଛି ଯେ -

ଓଁ ଯେ ବାନ୍ଧବା ଅବାନ୍ଧବା ଅନ୍ୟଜନ୍ମନି ବାନ୍ଧବ ତେ ତୃପ୍ତି ମଖୋଳା ଯାନ୍ତୁ ଯେ ଚାସୁତ ତୋୟକାଂକ୍ଷିଣ ।

ଅର୍ଥାତ୍ ଯେଉଁମାନେ ମୋର ବନ୍ଧୁ, ଯେଉଁମାନେ ମୋର ବନ୍ଧୁ ନୁହନ୍ତି, ଯେଉଁମାନେ ଅନ୍ୟଜନ୍ମରେ ମୋର ବନ୍ଧୁ ଥିଲେ, ଯେଉଁମାନେ ମୋଠାରୁ ଜଳ ଆଶା କରୁଛନ୍ତି, ଏହି ଜଳରେ ସେମାନେ ସନ୍ତୁଷ୍ଟ ଲାଭ କରନ୍ତୁ ... ।

ସ୍ଥମ୍ଭଠାରୁ ବ୍ରହ୍ମଯାଏ ଚରାଚର ଜଗତ, ତ୍ରିଭୁବନ ମୁଁ ଦେବା ଜଳ ଦ୍ୱାରା ସନ୍ତୁଷ୍ଟ ହୁଅନ୍ତୁ ।

ଅନେକ ଲୋକ ଗାଧୋଇବା ସମୟରେ ତିନି ଆଞ୍ଜୁଳି ପାଣି ପିତୃପୁରୁଷମାନଙ୍କୁ ଦିଅନ୍ତି । ଏଭଳି କଲେ ମଧ ପିତୃପୁରୁଷ ପାଣି ପାଆନ୍ତି ଓ ସେମାନଙ୍କର ପରିବାର ମଙ୍ଗଳରେ ରହେ । ଶ୍ରାଦ୍ଧ ଓ ତର୍ପଣ କରିବା ପ୍ରତ୍ୟେକ ପୁତ୍ରର କର୍ତ୍ତବ୍ୟ ।

ଶାସ୍ତ୍ରରେ ଅଛି -

'ନରକାତ୍ ତ୍ରାହି କରୋତି ଯଃ ସ ପୁତ୍ରଃ'

ଅର୍ଥାତ୍ ଯିଏ ନର୍କରୁ ଉଦ୍ଧାର କରେ ସେ ହିଁ ପୁତ୍ର ।

ନିମ୍ନ ତିନୋଟି କଥା ପାଳନ କରୁଥିବା ପୁତ୍ରଙ୍କୁ ସପୁତ୍ର କୁହାଯିବ । ତାହା ହେଲା -

ଜୀବିତେ ବାକ୍ୟ କରଣଂ, ମୃତାହେ ଭୂରି ଗୟାୟା ପିଣ୍ଡ ଦାନେନ ଭଃ ପୁତ୍ରେଣ ପୁତ୍ରତା

ଅକର୍ତ୍ତବ୍ୟବଶତଃ ମନ୍ଦିର, ମଠ ଇତ୍ୟାଦିରେ ମଧ ତର୍ପଣ କରାଯାଇପାରେ । ଯେଉଁମାନେ ଅନ୍ୟାନ୍ୟ ତୀର୍ଥ ମାର୍ଗରେ କିମ୍ବା ବ୍ରହ୍ମକପାଳିରେ ଶ୍ରାଦ୍ଧ କରନ୍ତି ସେମାନେ ଆଉ ନିଜ ଘରେ ଶ୍ରାଦ୍ଧ କରନ୍ତି ନାହିଁ । କିନ୍ତୁ ମନୁ କହିଛନ୍ତି-

କୁର୍ଯ୍ୟଦହରହଃ ଶ୍ରାଦ୍ଧ ମନ୍ନାଦ୍ୟନୋଦକେନବା ପୟୋମୂଳ ଫଳେର୍ବାପି ପିତୃଭ୍ୟ ପ୍ରୀତିମାବାହନ

ଅର୍ଥାତ୍ ତୀର୍ଥରେ ଶ୍ରାଦ୍ଧ କରିବା ବ୍ୟକ୍ତିଗଣ ପୁନର୍ବାର ତୀର୍ଥ ଶ୍ରାଦ୍ଧ କରିପାରନ୍ତି ; ମାତ୍ର ବାର୍ଷିକ ଶ୍ରାଦ୍ଧ କରିବାକୁ ବାଧ । କାରଣ ବାର୍ଷିକ ଶ୍ରାଦ୍ଧ ନ କଲେ ପରବର୍ତ୍ତୀ ପିଢ଼ି ଶ୍ରାଦ୍ଧ କଥା ଜାଣିବେ ନାହିଁ । ତେଣୁ ପରଲୋକଗତ ବାପା ଓ ମାଙ୍କ ପାଇଁ ପ୍ରତିବର୍ଷ ନିଜ ଗୃହରେ ଶ୍ରାଦ୍ଧ କରିବା ଉଚିତ । ନିଜ ଗୃହରେ ଶ୍ରାଦ୍ଧ କରିବା ଅତିଉତ୍ତମ ଅଟେ । ଏଣୁ କୁହାଯାଇଛି - 'ଉତ୍ତମଂ ସ୍ୱ ଗୃହେଶ୍ରାଦ୍ଧ ମହାଳୟାର ଆଉ ଏକ ଅଂଶ ହେଲା 'ଦୀପଦାନ ଶ୍ରାଦ୍ଧ' । ଶାସ୍ତ୍ରରେ ଅଛି ଯେଉଁ ପିତୃଗଣ ପିତୃଲୋକରୁ ଅବତରଣ କରିଥା'ନ୍ତି, ଦୀପଦାନ ଫଳ ଶ୍ରାଦ୍ଧ ପରେ ସେମାନେ ପିତୃଲୋକକୁ ଫେରିଯାଆନ୍ତି । ତେଣୁ ଗୃହକର୍ତ୍ତା ଶ୍ରାଦ୍ଧ ସହ ଏହି ବାକ୍ୟ ପ୍ରୟୋଗ କରି ବିଦାୟ ଦିଅନ୍ତି ।

ପିତୃଲୋକ ପରିତ୍ୟଜ୍ୟ ଆଗତଯେ ମହାଳୟେ ଉଜ୍ଜ୍ୱଳେ ଜ୍ୟୋତିଷା ମାର୍ଗେ ସାବଧାନା ବ୍ରଜନ୍ତୁ ତେ ।

ଅର୍ଥାତ୍ - ହେ ପିତୃଗଣ ! ଆପଣ ଅନ୍ଧାରୁ ଆସି ଆଲୋକରେ ଯାଆନ୍ତୁ । ଆମର ଉଚ୍ଚା ଆପଣଙ୍କ ପଥ ପ୍ରଦର୍ଶକ ହେଉ ଓ ଆପଣ ଆମକୁ ଆଶୀର୍ବାଦ କରନ୍ତୁ ।

ହିନ୍ଦୁମାନେ ଗୟାରେ ପିଣ୍ଡଦାନ କରନ୍ତି । ସାଧାରଣ ଏହି ପିତୃପକ୍ଷରେ ଗୟାରେ ପିଣ୍ଡଦାନ କଲେ ମୁକ୍ତି ଲାଭ ହୁଏ ବୋଲି ବିଶ୍ୱାସ ରହିଛି । ପନ୍ଦରଦିନ ଅର୍ଥାତ୍ ଏକ ପକ୍ଷ ତର୍ପଣ କରିବା ପରେ ଅମାବାସ୍ୟା ଦିନ ପିତୃପୁରୁଷଙ୍କୁ ଶ୍ରାଦ୍ଧ ଦିଆଯାଏ । ସୁଖଦୁଃଖେ ସମେ କୃତ୍ୱା ଲାଭାଲାଭୌ ଭୟାଜସୌ ତତୋ ଯୁଦ୍ଧାୟ ଯୁଜ୍ୟସ୍ୱ ନୈବଂ ପାପବାସ୍ଥ୍ୟସି ।।

ଜୟ-ପରାଜୟ ଲାଭ-କ୍ଷତି ଓ ସୁଖ-ଦୁଃଖକୁ ସମାନ ମନେ କରି ଯୁଦ୍ଧରେ ମନୋନିବେଶ କର ଏଇଭଳି ଯୁଦ୍ଧ କଲେ ତୁମେ ପାପଭାଗୀ ହେବ ନାହିଁ ।

# ସ୍ୱର୍ବେଦ

**ବ୍ରହ୍ମଓ୍ୱିଦ୍ୟା ସେ ମୀଶ୍ରିତା, ଓ୍ୱାଣୀ ପରମ ସ୍ୱରୂପ ।**
**ବ୍ରହ୍ମ ଓ୍ୱେତ୍ତା ଓଜସ୍ୱିନୀ, ଓ୍ୱୋଲେ ମଧୁର ଅନୂପ ॥୭୩॥**

ଭାଷ୍ୟ - ସୋମବାନ୍ ଯୋଗୀର ବାଣୀ ପରମ ପବିତ୍ର ସୋମରସରେ ସିକ୍ତ ହୋଇ ଅମୃତ ମିଶ୍ରିତ ହୋଇଥାଏ । ବ୍ରହ୍ମଓ୍ୱେତ୍ତା ଅନୁପମ, ମଧୁର ଏବଂ ଓଜସ୍ୱୀ ବାଣୀ କହିଥାନ୍ତି, ଯାହାକୁ ଆଧ୍ୟାତ୍ମ ପିପାସୁ ଶ୍ରବଣ କରି ଶାନ୍ତି ଲାଭ କରିଥାନ୍ତି । ପ୍ରିୟ ଏବଂ ମଧୁର ବାଣୀ ସେତେବେଳେ ହୋଇଥାଏ, ଯେତେବେଳେ ଯୋଗୀର ଅନ୍ତଃ କପାଳରେ ଉର୍ଦ୍ଧ୍ୱ ଚେଷ୍ଟାର ପ୍ରଭାବରେ ଆନନ୍ଦ ଉଚ୍ଛ୍ୱଳି ଆସି ଆତ୍ମାକୁ ଶାନ୍ତ ଏବଂ ଶୀତଳ କରିଥାଏ, ସେଥିପାଇଁ ବାଣୀର ପୂର୍ଣ୍ଣ ସ୍ୱରୂପକୁ ସମ୍ପୂର୍ଣ୍ଣ ରୂପରେ ଯୋଗୀ ହିଁ ଜାଣିଥାନ୍ତି ।

**ନଭ ଓ୍ୱାଣୀ ସ୍ୱଃଧାମ ସେ, ଆତମ ଅନ୍ତର ଆୟ ।**
**ଗମ୍ୟ ବୋଧ ଭଞ୍ଜନ କରେ, ଯହ ସୁଖ ବରଣି ନ ଜାୟ ॥୭୪॥**

ଭାଷ୍ୟ - ନଭ ବାଣୀ ସ୍ୱଧାମ, ଚେତନ ମହାମଣ୍ଡଳରୁ ହୋଇଥାଏ ଯାହା ଆତ୍ମା ଭିତରେ ପ୍ରକଟିତ ହୋଇଥାଏ । ଅନୁଭବୀ ଭକ୍ତଜନ ଏହି ବାଣୀକୁ ଶ୍ରବଣ କରିଥାନ୍ତି । ଏହି ସୁଖର ବର୍ଣ୍ଣନା ଭାଷାରେ କରି ହେବନାହିଁ । ଏହା ଯୋଗୀମାନଙ୍କର ଶ୍ରୁତ ଜ୍ଞାନ ଅଟେ, ଯାହା ଆତ୍ମା ଭିତରକୁ ପ୍ରବେଶ କରିଥାଏ । ସମସ୍ତ ଜ୍ଞାନ-ବିଜ୍ଞାନ ମହାପ୍ରଭୁଙ୍କ ଦ୍ୱାରା ଯୋଗୀମାନଙ୍କ ନିକଟକୁ ଆସିଥାଏ । ଈଶ୍ୱରୀୟ ଜ୍ଞାନ ଯୋଗୀମାନଙ୍କ ଦ୍ୱାରା ପ୍ରକଟ ହୋଇ ସଂସାରରେ ବିସ୍ତୃତି ଲାଭ କରିଥାଏ । ସେଥିପାଇଁ ସମସ୍ତ ଜ୍ଞାନର ଆଧାର ଈଶ୍ୱର ଅଟନ୍ତି ।

**ଚହୁ ଓ୍ୱାଣୀ ଘଟ ଭୀତରେ, ଏକ ପାଦ ମେଁ ହୋୟ ।**
**ବ୍ରହ୍ମଓ୍ୱାଣୀ ଉଠ ଭେଦ ସେ, ଦେଓ୍ୱ ସଦାଫଲ ସୋୟ ॥୭୫॥**

ଭାଷ୍ୟ - ଚାରି ବାଣୀ ଶରୀର ଭିତରେ ଏକ ପାଦରେ ହୋଇଥାଏ ଆଉ ବ୍ରହ୍ମବାଣୀ ନିଜ ଭେଦ ସ୍ଥାନରେ ଉଠିଥାଏ । ତାହା ଆନନ୍ଦପୂର୍ଣ୍ଣ ଅମୃତ ବାଣୀ ଅଟେ । ଏହି ସ୍ୱର୍ବେଦର ରଚୟିତା ସଦ୍‌ଗୁରୁଦେବ ଜୀ ମହାରାଜ ଦେହାନ୍ତ ସମୟରେ ନିଜ ବାଣୀର ଉପଯୋଗ କରିଥିଲେ । ଦେହାନ୍ତ କାଳରେ ଶରୀରରୁ ଅଲଗା ହୋଇ, ସ୍ୱଚ୍ଛନ୍ଦ ଆକାଶରୁ ଯେଉଁ ବାଣୀ ସଦ୍‌ଗୁରୁ ଦେବ କହୁଥିଲେ, ତାହା କେଉଁ ବାଣୀ ଥିଲା, ଯାହାକୁ ଶୁଣି ସମସ୍ତେ ଚକିତ ହୋଇ ଯାଉଥିଲେ ? ଯୋଗ ମୂଦ୍ରାରେ ବସି ଶରୀରକୁ ତ୍ୟାଗ କରି, ମୁଖକୁ ବନ୍ଦ କରି ଆକାଶରେ ଏହି ବାଣୀ ହୋଇଥିଲା ? ଯୋଗୀଜନ ଦେହ ସମ୍ବନ୍ଧକୁ ସ୍ଥିର କରି, ଶରୀରରୁ ବାହାରି ଆସି ପ୍ରକୃତି ପାଦରେ ଅକ୍ଷର ମଣ୍ଡଳରୁ ନିଜ ବାଣୀକୁ ପ୍ରକଟ କରିଥାନ୍ତି, ସଦ୍‌ଗୁରୁଦେବଙ୍କର ଦେହାନ୍ତ ସମୟରେ ଯେତେବେଳେ




ମୁଁ ବିତର୍କ କରିଥିଲି ଯେ ଏହି ବାଣୀ ଅବାକ୍ ଅବସ୍ଥାରେ କେମିତି ହେଉଅଛି, ସେତେବେଳେ ଏହାର ସମାଧାନରେ ଆକାଶବାଣୀ ହୋଇଥିଲା ଯେ ଅକ୍ଷର ମଣ୍ଡଳରେ ଏହି ବାଣୀ ହେଉଅଛି । ଏହି ବାଣୀକୁ ଶ୍ରବଣ କରି ସମସ୍ତେ ଆଶ୍ଚର୍ଯ୍ୟଚକିତ ହୋଇ ଗୁରୁଦେବଙ୍କର ମହାନ୍ ମହିମା ଜାଣି ଚନ୍ଦ୍ର ଚକୋରବତ୍ ଆପଣଙ୍କୁ ଦେଖିବାରେ ଲାଗିଲେ ।

**॥ ଇତି ସ୍ୱର୍ବେଦ ଦ୍ୱିତୀୟ ମଣ୍ଡଳ, ଦ୍ୱିତୀୟ ଅଧ୍ୟାୟ ଭାଷ୍ୟ ସମାପ୍ତ ॥**

## ଦ୍ୱିତୀୟ ଅଧ୍ୟାୟ

**ପରା ଓ୍ୱ ମୂଲାଧାର ମେଁ, ହୃଦୟ ମେଁ ପଶ୍ୟନ୍ତି ।**
**କଣ୍ଠ ମେଁ ଓ୍ୱହୀ ମଧ୍ୟମା, ମୂଖ ଓ୍ୱୈଖରୀ ଅନ୍ତି ॥**

ଭାଷ୍ୟ - ପରା, ପଶ୍ୟନ୍ତି, ମଧ୍ୟମା ଆଉ ବୈଖରୀ - ଏ ଚାରୋଟି ଯାକ ବାଣୀର ସ୍ୱରୂପ ଅଟନ୍ତି । ଯେଉଁଠାରୁ ଏଗୁଡ଼ିକ ପ୍ରକଟିତ ହୁଅନ୍ତି ତାହା ବାଣୀର ମୂଳ ସ୍ଥାନ । ତାହା ସମସ୍ତ ବାଣୀର ଆଧାର ଅଟେ । ପରା ବାଣୀ ସେହି ମୂଳାଧାରରୁ ପ୍ରକଟିତ ହୋଇ ଆତ୍ମାକୁ ଆସିଥାଏ । ତାହାକୁ ପଶ୍ୟନ୍ତି କୁହାଯାଏ । ତାହା ପୁଣି କଣ୍ଠରେ ଆସି ମନ ସହିତ ସଂଯୋଗ ହୋଇ ବାହାରକୁ ଆସିବାରେ ଲାଗେ, ଯାହାକୁ ମଧ୍ୟମା କହନ୍ତି ଏବଂ ମୁଖ ଦ୍ୱାରା ଦନ୍ତ ଆଉ ଓଷ୍ଠର ସମ୍ବନ୍ଧରୁ ବାହାରି ଯେତେବେଳେ ପ୍ରକଟିତ ହୁଏ, ସେତେବେଳେ ତାହାକୁ ବୈଖରୀ କୁହାଯାଏ । ଏହା ବାଣୀର ଚାରି ସ୍ୱରୂପ ଅଟନ୍ତି । ମୂଳାଧାରରୁ ହୃଦୟ, କଣ୍ଠ ଆଉ ମୁଖ ଦ୍ୱାରା ଶବ୍ଦ ବାହାରକୁ ପ୍ରକଟ ହୋଇଥାଏ । ଏହା ବାଣୀର ପ୍ରକଟ ହେବାର କ୍ରମ ଅଟେ ।

**ଅକ୍ଷର ସତ୍ୟ ଅସତ୍ୟ କ୍ଷର, କହ ଅରୁ ଅକହ ଓ୍ୱିଓ୍ୱେକ ।**
**ସାର ଶବ୍ଦ ସବ ପାର ହୈ, ସତତ ସନାତନ ଏକ ॥୦୨॥**

ଭାଷ୍ୟ - ଯାହା କୁହାଯାଏ ତାକୁ 'ବ୍ୟକ୍ତ' ଆଉ ଯାହା କୁହାଯାଏ ନାହିଁ ବରଂ ତାହାର ସଂକେତ ଅଥବା ନିର୍ଦ୍ଦେଶ ହୋଇଥାଏ ତାହାକୁ ସନ୍ଥମାନଙ୍କର ଆଧ୍ୟାତ୍ମିକ ପରିଭାଷାରେ 'ଅବ୍ୟକ୍ତ' ବୋଲି କୁହାଯାଏ । ବ୍ୟକ୍ତ - କ୍ଷର ଏବଂ ଅସତ୍ୟ ଅଟେ, କାହିଁକି ନା ତାହା ବାଣୀ ଦ୍ୱାରା କୁହାଯାଇଥାଏ । ଯାହା ଅବ୍ୟକ୍ତ ଅଟେ, କୁହାଯାଏ ନାହିଁ ବରଂ ଅବାଚ୍ୟ ଅଟେ, ତାହା ସତ୍ୟ ଅକ୍ଷର ଅବ୍ୟକ୍ତ ଅଟେ । ଏହି କ୍ଷର, ଅକ୍ଷରର ବିବେକ ଅଟେ । ମାତ୍ର ନିତ୍ୟ ଅନାଦି ଅଦ୍ୱିତୀୟ ପରମ ପୁରୁଷ ଏ ସବୁଠୁ ଉର୍ଦ୍ଧ୍ୱରେ, ଯିଏ ସମସ୍ତଙ୍କର ଆଧାର ତଥା ପ୍ରକାଶକ ଅଟନ୍ତି । ଜଗତ୍ ନିୟନ୍ତା ପରମ ପୁରୁଷଙ୍କୁ ସାରଶବ୍ଦ କହିଥାନ୍ତି, ଯିଏ କ୍ଷର - ଅକ୍ଷର ଠାରୁ ଭିନ୍ନ ଅବ୍ୟକ୍ତ ଏବଂ ଅନୁଭବଗମ୍ୟ ଅଟନ୍ତି ।

**ଅନ୍ତର ଲଗନ ଲଗାଓ୍ୱ ସେ, ସୁରତି ସୋହାଗିନି ଜାଗ ।**
**ଉମଗତ ପ୍ରେମ ଉଛାହ ମେଁ, ମୋହ ଭୂତ ଭ୍ରମ ଭାଗ ॥୦୩॥**

ଭାଷ୍ୟ - ଅନ୍ତର ପ୍ରେମ ଯେତେବେଳେ ଶୁଦ୍ଧ ରୂପରେ ପ୍ରଭୁଙ୍କ ଠାରେ ଲାଗିଯାଏ, ସେତେବେଳେ ଆତ୍ମାର ଚେତନା ଶୁଦ୍ଧ ରୂପରେ ପ୍ରକଟ ହୋଇ ପରଂବ୍ରହ୍ମ ପ୍ରାପ୍ତି ନିମନ୍ତେ ଅଗ୍ରସର ହୋଇଥାଏ ଓ ପ୍ରଭୁ ପ୍ରେମରେ ପ୍ରଗାଢ଼ତା ହେତୁ ଜୀବ ନିକଟରୁ ସମସ୍ତ ମୋହ ଆସକ୍ତି ଛାଡ଼ିଯାଏ ଆଉ ସେ ଶୁଦ୍ଧ ଏବଂ ପବିତ୍ର ହୋଇ ପରମାନନ୍ଦ ପ୍ରାପ୍ତି କଳ୍ପେ ପ୍ରଯତ୍ନ କରିଥାଏ ।

**କ୍ଷରତ ଅକ୍ଷରାତୀତ ଓ୍ୱେ, ପୁରୁଷ ଅନାମୀ ଜ୍ଞାନ ।**
**ନାମ ରୂପ ଏକତ୍ୱ ମେଁ, ପରି ଅଗାତ ଓ୍ୱିଜ୍ଞାନ ॥୦୪॥**

ଭାଷ୍ୟ - ସେହି ପରମ ପୁରୁଷ କ୍ଷର-ଅକ୍ଷର ଠାରୁ ଉର୍ଦ୍ଧ୍ୱରେ । ତାଙ୍କର ବାଚ୍ୟ କ୍ଷର ଅଟେ ଆଉ ସେ ନାମହୀନ ଅଟନ୍ତି । ଅତଏବ ତାଙ୍କର ନାମ ନ ଥାଏ । ପ୍ରଭୁଙ୍କର ଏକ ନାମ ଏକ ରୂପ ହୋଇଥାଏ । ସେ ପ୍ରାକୃତିକ ନାମ, ରୂପ, ବାଚକ, ବାଚ୍ୟ ଠାରୁ ଭିନ୍ନ ଅଟନ୍ତି । ଯୋଗ ସମାଧି ବିଜ୍ଞାନରେ ସମସ୍ତ କ୍ଷର ନାମମାନଙ୍କ ଠାରୁ ସେ ଭିନ୍ନ, ଏକତ୍ୱ ଅନୁଭବ ସାକ୍ଷାତ୍‌କାର ହୋଇଥାନ୍ତି ଏବଂ ଏକତ୍ୱ ଅବସ୍ଥାରେ ପରିପୂର୍ଣ୍ଣ ଜ୍ଞାନ ଚତୁର୍ଦ୍ଦିଗରୁ ହେବା ଦ୍ୱାରା ପୂର୍ଣ୍ଣ ବିଜ୍ଞାନ ଅଟନ୍ତି । ଯେତେବେଳେ ଆତ୍ମାରେ ଏକତ୍ୱର ଅନୁଭବ ହୋଇଥାଏ, ସେତେବେଳେ ସର୍ବତ୍ର ପରିପୂର୍ଣ୍ଣ ଜ୍ଞାନ ଯୋଗୀମାନଙ୍କୁ ହୋଇଥାଏ । ଅର୍ଦ୍ଧ ଆଉ ଉର୍ଦ୍ଧ୍ୱର ଭାବ ପ୍ରାକୃତିକ ଅଟେ । ଶୁଦ୍ଧ ବିଜ୍ଞାନ ଅବସ୍ଥାରେ ଅର୍ଦ୍ଧ ଆଉ ଉର୍ଦ୍ଧ୍ୱର ଭାବ ଲୋପ ପାଇ ସର୍ବତ୍ର ଏକତ୍ୱର ଅନୁଭବ ହୋଇଥାଏ । ଏହି ଅଦ୍ଭୁତ ବିଜ୍ଞାନର ଅବସ୍ଥାକୁ ବିହଙ୍ଗମ ଯୋଗର ସମାଧିସ୍ଥ ଯୋଗୀଶ୍ୱର ହିଁ ବୁଝି ପାରିବେ ।

**ସ୍ୱୟଂ ସିଦ୍ଧ ଗୁରୁ ଜଗ ଚଲେ, ଶ୍ରୁତି ଓ୍ୱସିଷ୍ଠ ହୈ ନାମ ।**
**ଦ୍ୟୋ ପୀଠ ସାକେତ ହୈ, ଅନୁପମ ଅଓ୍ୱିଚଲ ଧାମ ॥୦୫॥**

ଭାଷ୍ୟ - ମୁକ୍ତିଧାମରୁ ଈଶ୍ୱର ତଥା ସଦ୍‌ଗୁରୁଙ୍କର ଆଦେଶରୁ ସଂସାରରେ ପ୍ରକଟିତ ହୋଇ ଯେଉଁ ମୁକ୍ତାତ୍ମା ଉପଦେଶ କରନ୍ତି ସେହି ସ୍ୱୟଂସିଦ୍ଧ ଗୁରୁଙ୍କୁ ବୈଦିକ ପରିଭାଷାରେ 'ବଶିଷ୍ଠ' କହିଥାନ୍ତି । ସ୍ୱୟଂସିଦ୍ଧ ଗୁରୁଙ୍କର ନାମ ବଶିଷ୍ଠ ଅଟେ ।

**ମହାପ୍ରଭୁ ଅରୁ ଅଜ ଗୁରୁ, ମନ୍ତ୍ର ରୂପ ଉପଦେଶ ।**
**ଋଷି ଓ୍ୱଶିଷ୍ଠ ସଦ୍‌ଗୁରୁ ଭନେ, ମନ୍ତ୍ର ଦ୍ରଷ୍ଟା ଆଦେଶ ॥୦୬॥**

ଭାଷ୍ୟ - ବ୍ରହ୍ମବିଦ୍ୟା ପ୍ରଚାର ନିମନ୍ତେ ପ୍ରଭୁ ତଥା ସ୍ୱୀକୃତ ଦେବଙ୍କର ଆଜ୍ଞାରୁ ସ୍ୱୟଂ ସିଦ୍ଧ ଗୁରୁ ମୁକ୍ତିଧାମରେ ପ୍ରକଟ ହୁଅନ୍ତି । ସେହି ଜ୍ଞାନ ପ୍ରବାହୀ ମନ୍ତ୍ରଦ୍ରଷ୍ଟା ଋଷିଙ୍କୁ ବଶିଷ୍ଠ କହିଥାନ୍ତି ।

**ଶବ୍ଦ ଝରୋଖା ଦେଖିୟେ, ପରଖୋ ଅଓ୍ୱିଗତି ରୂପ ।**
**ଅନ୍ୟ ମାର୍ଗ ପାଓ୍ୱୋ ନହୀଁ, ପରୋ ମହା ଭଓ୍ୱକୂପ ॥୦୭॥**

ଭାଷ୍ୟ - ପ୍ରକୃତି ମଣ୍ଡଳରେ ଅନେକ ଦ୍ୱାର ଅଛି, ଯେଉଁଠାରୁ ଆତ୍ମା ବହିର୍ମୁଖ ହୋଇ ଜଗତର ଦୃଶ୍ୟଗୁଡ଼ିକୁ ଦେଖେ । ପରନ୍ତୁ ସେହି ନାମ ସତ୍‌ପୁରୁଷଙ୍କୁ ଦେଖିବା ପାଇଁ ଏକମାତ୍ର ସର୍ବୋତ୍କୃଷ୍ଟ ଶବ୍ଦ-ମାର୍ଗ ଅଟେ, ଯାହା ଦ୍ୱାରା ସେହି ଅନୁଭବଗମ୍ୟ ପୁରୁଷ ପ୍ରାପ୍ତ ହୁଅନ୍ତି । ପରଂବ୍ରହ୍ମଙ୍କ ପ୍ରାପ୍ତି ପାଇଁ ଏକମାତ୍ର ଚେତନ ପଥ ବିହଙ୍ଗମ ମାର୍ଗ ଅଛି, ପ୍ରକୃତି ପଥରେ ପ୍ରଭୁପ୍ରାପ୍ତିର ଅନ୍ୟ ମାର୍ଗ ନାହିଁ । ପ୍ରାକୃତିକ ସମସ୍ତ ମାର୍ଗ ଅଧୋମାର୍ଗ ଅଟନ୍ତି, ଯେଉଁମାନଙ୍କ ଦ୍ୱାରା ଆତ୍ମାର ଶକ୍ତି ନିମ୍ନକୁ ଆସିଯାଏ ଆଉ ଚେତନ ଶୁଦ୍ଧ ପଥ ବିହଙ୍ଗମ ଯୋଗ ଅଟେ ଯାହା ଦ୍ୱାରା ବିବେକୀ ସନ୍ଥ ପରମାନନ୍ଦଙ୍କୁ ପ୍ରାପ୍ତ କରିଥାନ୍ତି ।

**ସଂସ୍କାର ଜେହି ପୂର୍ଓ୍ୱ କା, ଗତି ଅନନ୍ୟ ଗୁରୁ ହୋୟ । ସଦ୍ୟ ଶରଣ ସଂଶୟ ସହିତ, ହୋୟ ଅଚଲ ଦୃଢ଼ କୋୟ ॥୦୮॥**

ଭାଷ୍ୟ - ପୂର୍ବ ଜନ୍ମର ସଂସ୍କାରୀ ଅଧିକାରୀ କୌଣସି ଆତ୍ମା ହିଁ ଶୀଘ୍ର ସଦ୍‌ଗୁରୁଙ୍କର ଶରଣାଗତ ହୋଇ ଅନନ୍ୟ ଭାବରୁ ତାଙ୍କର ନିର୍ଭ୍ରାନ୍ତ ସତ୍ୟ ସିଦ୍ଧାନ୍ତ ମାର୍ଗରେ ଅଚଳ ଏବଂ ଦୃଢ଼ ହୋଇ ରହିଥାନ୍ତି ।

**ଜିଜ୍ଞାସୂ ଓ୍ୱର ନହିଁ ମିଲେ, ଯୁଚ୍ଛ ଓ୍ୱିରହ ଅନୁରାଗ ।**
**ସର୍ଓ୍ୱ ତତ୍ତ୍ୱ ପର ଭେଦ କୀ, ଦିକ୍ଷା ହୋ ଏକ ରାଗ ॥୦୯॥**

ଭାଷ୍ୟ - ବିରହ ବୈରାଗ୍ୟ ଯୁକ୍ତ ଉତ୍ତମ କୋଟିର ଜିଜ୍ଞାସୁ କ୍ୱଚିତ ଦେଖାଯାଆନ୍ତି, ଯାହାଙ୍କୁ ବ୍ରହ୍ମବିଦ୍ୟାର ଅନୁଭବୀ ସୂକ୍ଷ୍ମତତ୍ତ୍ୱର ଉପଦେଶ କେବଳ ଥରେମାତ୍ର କରାଯିବ ।

**ପ୍ରଭୂ ଭଚ୍ଛ ପ୍ରଭୁ ମେଁ ଲଗେ, ଆଶ ନ ରହତ ଶରୀର ।**
**ମୋହ ମମତ୍ୱ ଅଭାଓ୍ୱ ମେଁ, ଗୁରୁ ଗମ ଅନ୍ତର ଧୀର ॥୧୦॥**

ଭାଷ୍ୟ - ପ୍ରଭୁଙ୍କର ପ୍ରକୃତ ଏବଂ ଅନନ୍ୟସାଧାରଣ ଭକ୍ତ ପ୍ରଭୁଙ୍କ ଠାରେ ସମର୍ପିତ ହୋଇ ରହିଥାନ୍ତି । ସେମାନଙ୍କୁ ନିଜ ଶରୀରର ଆଶା ରହି ନ ଥାଏ । ସେମାନେ ଦେହାଭିମାନରୁ ମୁକ୍ତ ହୋଇ ମୋହ ମମତା ଶୂନ୍ୟ ହୋଇ ଗୁରୁଗମ୍ୟ ଦ୍ୱାରା ନିଜ ଅନ୍ତରରେ ସ୍ଥିର ରହିଥାନ୍ତି ।

# ମଧୁମେହ ପ୍ରତିରୋଧୀ ଘରୋଇ ପଥ

ମଧୁମେହ ଖାଦ୍ୟ ଏବଂ ଜୀବନ ଶୈଳୀ ସହ ସଂପର୍କିତ । ଆଜିକାଲି ଜିନ୍ ଦୋଷରୁ ଏପରିକି ଶିଶୁ ମଧ ମଧୁମେହ ଭୋଗୁଛନ୍ତି । ଭାରତରେ ଟାଇପ୍ ୨ ମଧୁମେହ ଭୋଗୁଥିବା ରୋଗୀଙ୍କ ସଂଖ୍ୟା ବିଶ୍ୱରେ ସବୁଠାରୁ ଅଧିକ । ଖାଦ୍ୟାଭ୍ୟାସରେ ପରିବର୍ତ୍ତନ ଦ୍ୱାରା ମଧୁମେହକୁ କିଛି ପରିମାଣରେ ରୋକା ଯାଇପାରେ । ପ୍ରତି ଦିନ ସକାଳେ ଖାଲି ପେଟରେ ତାଜା କଲରା ରସ ପିଇଲେ ମଧୁମେହ ନିୟନ୍ତ୍ରଣରେ ରହେ । ଜଳଖିଆରେ କଲରା ଚିପ୍ସ ବା କଲରା ପ୍ରସ୍ତୁତ ଯେ କୌଣସି ଖାଦ୍ୟ ଖାଇ ପାରନ୍ତି । ରାତିରେ ୧.୪ ଚାମଚ ମେଥି ପାଣିରେ ବତୁରାନ୍ତୁ । ସକାଳୁ ଖାଲି ପେଟରେ ପାଣି ସହ ମେଥି ଚୋବାଇ ଚୋବାଇ ଖାଆନ୍ତୁ । ପ୍ରତି ଦିନ ପିଜୁଳି ଚୋପା ବାଛି ଖାଆନ୍ତୁ । ଚୋପା ନ ବାଛି ଖାଇଲେ ରକ୍ତ ଶର୍କରା ବଢ଼େ । ନିୟମିତ ତ୍ରିଫଳା ଚୂର୍ଣ୍ଣ ଖାଆନ୍ତୁ । ମଧୁମେହ ରୋଗୀଙ୍କ ଲାଗି ଜାମୁକୋଳି ଭଲ । ବର୍ଷର ସବୁ ସମୟରେ ଜାମୁକୋଳି ମିଳେନାହିଁ । ତେଣୁ, ମିଳୁଥିବା ବେଳେ ଅଧିକ ପରିମାଣରେ ସଂଗ୍ରହ କରି, ମଞ୍ଜିକୁ ଶୁଖାଇ, ଗୁଣ୍ଡକରି ରଖନ୍ତୁ, ପାଣିରେ ଗୋଳାଇ ଦିନରେ ଦୁଇ ଥର ପିଅନ୍ତୁ । ଚାହା ବା କଫିରେ ଚିନି ବଦଳରେ ମହୁ ପକାନ୍ତୁ । ବିନା ଚିନିରେ କଳା କଫି ପିଅନ୍ତୁ ।



## ଟିକିଏ ହସନ୍ତୁ

ଗୋପାଳ : ଆରେ ଭାଇ ଏମିତି କୁନ୍ଥଉଛୁ କାହିଁକି ?
ଦିପୁ : କହନି ସାଙ୍ଗ, ଆଜି ସକାଳେ ପଡୋଶୀଙ୍କ ଘରକୁ ଯାଇଥିଲି ଚାନ୍ଦା ମାଗିବାକୁ । ସେ ମୋତେ ଗୁରେଇ ତୁରେଇ ପିଟି ସାବାଡ଼ କରିଦେଲେ ।
ଗୋପାଳ : କାହିଁକି ?
ଦିପୁ : ଆରେ ତା' ସ୍ତ୍ରୀର ନାଁ ଚାନ୍ଦା ବୋଲି ମୁଁ ଜାଣି ନ ଥିଲି ।

× × ×

ଏକ ଅଜଣା ନମ୍ବରରୁ କଲ ଆସିଲା ବଣ୍ଟି ପାଖକୁ ।
ଯୁବତୀ : ତୁମେ କ'ଣ ବିବାହିତ ?
ବଣ୍ଟି : ନାଁ ! (ଅତି ରୋମାଣ୍ଟିକ ମୁଡ଼ରେ) ତୁମେ କିଏ କହୁଛ ।
ଯୁବତୀ : ତୁମ ପତ୍ନୀ କହୁଛି, ଆଜି ଘରକୁ ଆସ ମୁଁ କିଏ କହୁଛି ଜାଣିବ ।



× × × ×

ରାଜୁ : ସବୁଠାରୁ ଭଲ ଯୋଗ କ'ଣ କହିପାରିବୁ ସିପୁ ?
ସିପୁ : ନାଁ ମତେ ଜଣା ନାହିଁ ତୁ କହ ।
ରାଜୁ : ଯଦି ପତ୍ନୀ କିଛି କୁହନ୍ତି ପାଟି ଚୁପ୍ କରି ମୁଣ୍ଡକୁ ତଳ ଉପର କରିବୁ, କିନ୍ତୁ ସାବଧାନ୍ ଡାହାଣ କିମ୍ବା ବାମକୁ ଆଦୌ ନେବୁ ନାହିଁ । ଏଥିରେ ଜୀବନ ଯିବାର ସମ୍ଭାବନା ରହିଛି ।

× × × × × ×

ସୋନୁ : ମମି ତୁ ପ୍ରେସ୍‌ରେ କ'ଣ କରୁଛୁ ?
ମମି : ପ୍ରେସ୍ କରୁଛି, ଏଥିରେ ଲୋଚାକୋଚା ଯାଇ ପ୍ଲେନ ହୋଇଯିବ ।
ସୋନୁ : ଶୀଘ୍ର ମତେ ପ୍ରେସ ଦେ ?
ମମି : କ'ଣ କରିବୁ, ଦିଦି ଗାଲରେ ଘଷି ଦେବି ତା' ମୁହଁରୁ ଲୋଚାକଚା ଯାଇ ପ୍ଲେନ ହୋଇଯିବ ।

× × × × × ×

ଚିଣ୍ଟୁ ବାପାଙ୍କୁ : କାଲି ଆମ ସ୍କୁଲରେ ଗୋଟେ ଛୋଟିଆ ଗେଟ୍ ଟୁଗେଦର ହେବ ।
ତେଣୁ ତୁମକୁ ଯିବାକୁ ହେବ ।
ବାପା : ସେଠି କିଏ କିଏ ରହିବେ ?
ଚିଣ୍ଟୁ : ତମେ, ମୁଁ ଓ ପିନ୍ସିପାଲ୍ ।

× × × × × ×

ଶିକ୍ଷକ : ଇଜିପ୍ଟ ମମି ଓ ଭାରତୀୟ ମମି ଭିତରେ ପାର୍ଥକ୍ୟ କ'ଣ ?
ଗୋଲୁ : ସାର୍ ପିଲାମାନେ ଇଜିପ୍ଟ ମମିକୁ ଡରନ୍ତି । ଆଉ ଭାରତୀୟ ମମିଙ୍କୁ ବାପାମାନେ ଡରନ୍ତି ।

× × × × × × ×

ଦିନେ ଗୋପାଳ ଘରକୁ ରାକେଶ ଯାଇଥାଏ । ସେ ସେଖିଲା, ଘରେ ନବଜୋତ ସିଂ ସିଦ୍ଧୁଙ୍କର ଫଟୋ ଟଙ୍ଗାଯାଇଛି ।
ରାକେଶ ଗୋପାଳକୁ : ସିଦ୍ଧୁଙ୍କ ଫଟୋ କାହିଁକି ଲଗାଇଛ ?
ଗୋପାଳ : ଦୋକାନକୁ ଲାଫିଙ୍ଗ୍ ବୁଦ୍ଧ ଆଣିବାକୁ ଯାଇଥିଲି । ହେଲେ ଦୋକାନୀ କହିଲା : ତାକୁ କାହିଁକି ନେବ ? ଏଇଟା ନିଅ ଏ ହେଉଛନ୍ତି ଲାଟେଷ୍ଟ ଲାଫିଙ୍ଗ୍ ବୁଦ୍ଧ ।

## ଦହିର ଉପକାରିତା

ଦହିରେ ବହୁ ପ୍ରକାର ପୌଷ୍ଟିକ ତତ୍ତ୍ୱ ଗଚ୍ଛିତ ରହିଛି । ଯାହାକି ସ୍ୱାସ୍ଥ୍ୟ ପାଇଁ ଖୁବ୍ ଲାଭପ୍ରଦ । ଏଥିରେ କ୍ୟାଲସିୟମ୍, ପ୍ରୋଟିନ୍, ଲ୍ୟାକ୍ଟୋଜ, ଆଇରନ, ଫସ୍‌ଫରସ୍ ଏବଂ ଭିଟାମିନ୍ ରହିଛି । ଡାକ୍ତରଙ୍କ ମତରେ କ୍ଷୀରଠାରୁ ଦହି ସ୍ୱାସ୍ଥ୍ୟ ପାଇଁ ବେଶି ହିତକର । ଦହିରୁ କ୍ଷୀର ଅପେକ୍ଷା ଅଧିକ କ୍ୟାଲସିୟମ୍ ମିଳିଥାଏ । ଦହିରୁ ମିଳୁଥିବା ଫସଫରସ୍ ଭିଟାମିନ୍ 'ଡି' ଶରୀର ଲାଗି ଲାଭକାରୀ ।

ଅସ୍ଥି ପାଇଁ ଫଳପ୍ରଦ: ଦହିରୁ କ୍ୟାଲସିୟମ ବେଶି ପରିମାଣରେ ମିଳିଥାଏ । ତେଣୁ ଏହା ଅସ୍ଥି ରୋଗ ପାଇଁ ହିତକର । ଦହି ଖାଇବା ଦ୍ୱାରା ଦାନ୍ତ ମଜବୁତ୍ ହୁଏ । ଏଥିରେ ଅଷ୍ଟିଓପୋରସିସ୍ ବା ଅସ୍ଥିସୁଶିରତା ସମସ୍ୟା ଦୂର ହୋଇଥାଏ ।

ଟାଇପ୍ ୨ ଡାଇବେଟିସ୍ କମ୍ କରେ: ଏକ ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ଦହି ନିୟମିତ ଖାଇବା ଦ୍ୱାରା ଟାଇପ-୨ ଡାଇବେଟିସ୍ ଆଶଙ୍କା ୨୮ ପ୍ରତିଶତ କମ୍ ହୋଇଥାଏ । ୟୁନିଭର୍ସିଟି



ଅଫ୍ କେମ୍ବ୍ରିଜ୍ ରିସର୍ଚ୍ଚ କାଉନସିଲ ୟୁନିଟ୍‌ର ବୈଜ୍ଞାନିକଙ୍କ ମତରେ ଦହିରେ ପ୍ରୋଟିନ୍, ଭିଟାମିନ୍, କ୍ୟାଲସିୟମ ଓ ସାଚୁରେଟେଡ ଫ୍ୟାଟସ ଅଧିକ ମାତ୍ରାରେ ରହିଛି । ଟାଇପ୍ ୨ ଡାଇବେଟିସ୍‌ରୁ ଦୂରେଇ ରଖିବା ପାଇଁ ଏହା ସହାୟକ ହୋଇଥାଏ ।

ପେଟକୁ ଭଲ: ଦହି ପେଟ ପାଇଁ ଲାଭଦାୟକ । ପେଟର ସମସ୍ତ ରୋଗ ଦୂର କରିଥାଏ । ଏଣୁ ନିୟମିତ ଆହାରରେ ଦହି ପ୍ରଚୁର ଖାଇବା ଉଚିତ୍ । ପେଟରେ ଯେତେବେଳେ ଉପକାରୀ ବ୍ୟାକ୍ଟେରିଆ କମି ଯାଆନ୍ତି ସେତେବେଳେ ଭୋକ କମିଯାଏ । ଏହା ଦ୍ୱାରା ଶାରୀରିକ ସମସ୍ୟା ସୃଷ୍ଟି ହୁଏ । ଦହିରୁ ବେଶୀ ଉପକାରୀ ବ୍ୟାକ୍ଟେରିଆ ମିଳିଥାଏ । ପେଟକୁ ପୁରା ଠିକ୍ ରଖିବା ସହ ଖାଦ୍ୟ ହଜମ କରିବାରେ ସହାୟକ ହୋଇଥାଏ । ଦହିରେ ଜୁଆଣି ମିଶାଇ ପିଇବା ଦ୍ୱାରା କୋଷ୍ଠ କାଠିନ୍ୟ ଦୂର ହୁଏ ।

ତ୍ୱଚା ପାଇଁ ଗୁଣକାରୀ: ଦହିକୁ ମୁହଁରେ ଲଗାଇବା ଦ୍ୱାରା ତ୍ୱଚା ନରମ ହେବା ସହ ଔଜ୍ଜ୍ୱଲ୍ୟତା ବୃଦ୍ଧି ପାଇଥାଏ । ଦହି ଶରୀରରେ ମସାଜ୍ କରିବା ଦ୍ୱାରା ଶରୀରର ଚମକ ବଢ଼ିଥାଏ । ଏହା ବ୍ଲିଚ୍ ଭଳି କାମ ଦେଇଥାଏ । ଖରାଦିନେ ସନବର୍ନ ସମସ୍ୟାରୁ ରକ୍ଷା ପାଇବା ଲାଗି ଶରୀରରେ ଦହି ମାଲିସ କରିବା ଉଚିତ୍ । ଦହି ତ୍ୱଚାର ରୁକ୍ଷତା ଦୂର କରେ । ଦହି କେଶରେ ଲଗାଇଲେ କେଶ ଘନ କଳା ହେବା ସହିତ ରୁପି ସମସ୍ୟା ଭଲ ହୋଇଥାଏ ।

ଅନ୍ୟାନ୍ୟ ଲାଭ: ଦହି ପାଣି ପିଇବା ଫଳରେ ପାଚନ କ୍ଷମତା ବୃଦ୍ଧି ପାଏ ଏବଂ କ୍ଷୁଧା ବଢ଼ାଇବାରେ ସାହାଯ୍ୟ କରିଥାଏ ।

ସର୍ଦ୍ଦି ଓ କାଶ କାରଣରୁ ଶ୍ୱାସ ନଳୀରେ ସଂକ୍ରମଣ ହୋଇଥିଲେ ସେଥିରୁ ରକ୍ଷା ପାଇବା ଲାଗି ଦହି ଖାଆନ୍ତୁ । ପାଟି ଦୁର୍ଗନ୍ଧ ହେଉଥିଲେ ଦହି ପାଣିରେ କୁଳି କରି ପାଟି ସଫା କରନ୍ତୁ ।

ଦହି ଖାଇଲେ କୋରୋନରୀ ଆର୍ଟରୀ ରୋଗ ଏବଂ କୋଲେଷ୍ଟୋରଲ କମ୍ ହୋଇଥାଏ ।

ଗରମ ଦିନରେ ଦହି ଓ ଦହି ପାଣି ପିଇବା ଲାଭଦାୟକ । ଏହା ଶରୀରରେ ଜଳୀୟ ଅଂଶ ବୃଦ୍ଧି କରେ ।

ଅଂଶୁଘାତରୁ ରକ୍ଷା ନିମନ୍ତେ ଦହି ପାଣି ବେଶ୍ ଉପଯୋଗୀ ।

## ଆପଣ ଜାଣନ୍ତି କି ?

- ବିନ୍‌ସ ଜାତୀୟ ଫସଲ ଉତ୍ପାଦନରେ ବିଶ୍ୱରେ ଭାରତର ସ୍ଥାନ ପ୍ରଥମ । ସେହିଭଳି କଦଳୀ ଉତ୍ପାଦନରେ ମଧ୍ୟ ପ୍ରଥମ ଥିବାବେଳେ ବ୍ରାଜିଲ୍ ଦ୍ୱିତୀୟ ସ୍ଥାନରେ ରହିଛି ।
- ଭାରତରେ ବିଶ୍ୱର ସର୍ବାଧିକ ସଂଖ୍ୟକ ୧,୫୦,୦୦୦ ଡାକଘର ରହିଛି ।
- ଭାରତୀୟ ସିନେମା ଇଣ୍ଡଷ୍ଟ୍ରି ବିଶ୍ୱର ସବୁଠୁ ବଡ଼ ଇଣ୍ଡଷ୍ଟ୍ରି । ଏହା ଅନେକଙ୍କ ପାଇଁ ଏକ ସ୍ୱପ୍ନର ନଗରୀ ।
- ବିଶ୍ୱର ସର୍ବାଧିକ ଦୁଗ୍ଧ ଉତ୍ପାଦନକାରୀ ଦେଶମାନଙ୍କ ମଧ୍ୟରେ ଭାରତ ପ୍ରଥମ ।
- ଭାରତୀୟ ରେଳ ନେଟୱାର୍କ୍ ବିଶ୍ୱର ଦ୍ୱିତୀୟ ବୃହତ୍ ରେଳ ନେଟୱାର୍କ୍ ।
- ମସ୍ତିଷ୍କରେ ଯଦି ୫ ରୁ ୧୦ ମିନିଟ୍ ଯାଏଁ ଅମ୍ଳଜାନର ଅଭାବ ଦେଖାଦିଏ, ତେବେ ତାହା ସ୍ଥାୟୀ ଭାବେ ଅକାମୀ ହୋଇଯିବ ।
- ୪୦ ବର୍ଷ ଯାଏଁ ମଣିଷର ମସ୍ତିଷ୍କ ବିକାଶ ଲାଭ କରିଥାଏ ।
- ଆମ ମସ୍ତିଷ୍କ ସମୁଦାୟ ଅମ୍ଳଜାନ ୨୦ ପ୍ରତିଶତ ବ୍ୟବହାର କରିଥାଏ ।
- ଜାଗ୍ରତ ଥିବାବେଳେ ଆମେ ମସ୍ତିଷ୍କରୁ ଯେତିକି ବିଦ୍ୟୁତ୍ ଶକ୍ତି ଉତ୍ପାଦିତ ହୋଇଥାଏ ତାହା ଏକ ଛୋଟ ବଲ୍‌ବ ଜଳାଇବାକୁ ସମର୍ଥ ।
- ଏକ ସେନାବାହିନୀ ଉପରେ ବୋମାବର୍ଷୀ ବିମାନ ଯେପରି ପ୍ରଭାବ ପକାଇଥାଏ, ଛୋଟ ପିଲାଟିଏ ଉପରେ ସମାନ ପ୍ରଭାବ ପକାଇଥାଏ ପ୍ରାୟତଃ ଝଗଡା ଲାଗି ରହୁଥିବା ଗୋଟିଏ ପରିବାର ।
- କୁମ୍ଭାରମାନେ ବର୍ଣ୍ଣାନ୍ଧ ।

## ଆଣ୍ଠୁ ଯନ୍ତ୍ରଣାରୁ ଆରାମ ଦିଏ ଜଡ଼ା ତେଲ



ଆଣ୍ଠୁ ଯନ୍ତ୍ରଣା ଏବେ ପିଲାଙ୍କଠୁ ନେଇ ବୟସ୍କ ପ୍ରତ୍ୟେକଙ୍କ କ୍ଷେତ୍ରରେ ଦେଖିବାକୁ ମିଳୁଛି । ଏହାର ପ୍ରମୁଖ କାରଣ ଶରୀରରେ ପୋଷକ ତତ୍ତ୍ୱର ଅଭାବ । ଏହାଦ୍ୱାରା ଅସ୍ଥି ସବୁ ଦୁର୍ବଳ ହୋଇଯାଏ ଏବଂ ଯନ୍ତ୍ରଣା ସୃଷ୍ଟିହୁଏ । ଯଦି ସଠିକ୍ ଢଙ୍ଗରେ ଆଣ୍ଠୁ ଯନ୍ତ୍ରଣାର ଉପଶମ କରାନ ଯାଏ, ତେବେ ଏହା ଭୟଙ୍କର ରୂପ ନେଇଥାଏ । ତେଣୁ ଏଥିରୁ ଆରାମ ପାଇବାକୁ ଚାହୁଁଥିଲେ ଜଡ଼ା ତେଲ ବେଶ୍ ଉପକାରୀ । ମହଙ୍ଗା ଔଷଧ ସେବନ ଠାରୁ ବି ଏହା ବିଶେଷ ଫଳପ୍ରଦ । ଏଥିପାଇଁ ପ୍ରଥମେ ଉଷୁମ ଜଡ଼ାତେଲ ଯନ୍ତ୍ରଣା ସ୍ଥାନରେ ମାଲିସ କରିବାକୁ ପଡେ । ପରେ ଗରମ ପାଣିରେ କପଡ଼ା ଭିଜାଇ ଉକ୍ତ ସ୍ଥାନରେ ସେକ ଦେଲେ ଯନ୍ତ୍ରଣାରୁ ଲାଘବ ମିଳେ । ଏହି ତେଲ ବ୍ୟବହାର ଦ୍ୱାରା ଶରୀରରେ ପ୍ରାକୃତିକ ରୂପରେ ଲିମ୍ଫୋସାଇଟର ସଂଖ୍ୟା ବୃଦ୍ଧିପାଏ । ଲିମ୍ଫୋସାଇଟ୍ ରୋଗ ପ୍ରତିରୋଧକ କ୍ଷମତା ବଢ଼ାଇଥାଏ । ଏହା ପୁରୁଣା କ୍ଷତ ଏବଂ ଯନ୍ତ୍ରଣାକୁ ଲାଘବ କରିବାରେ ସହାୟତା କରିଥାଏ ।

## ମହୌଷଧ ବାଇଗଣ

ବାଇଗଣରେ ପ୍ରସ୍ତୁତ ଭର୍ତ୍ତା, ତରକାରୀ ଏବଂ ଭଜା ଖୁବ୍ ସୁଆଦିଆ । ରୋଷେଇଘରେ ଏହାର ସ୍ଥାନ ସବୁବେଳେ ଥାଏ । କିନ୍ତୁ ଜାଣନ୍ତି ପାଟିକୁ ସୁଆଦିଆ ଏହି ପରିବା ପ୍ରକୃତରେ ସ୍ୱାସ୍ଥ୍ୟ ପାଇଁ ଏକ ବରଦାନ ସଦୃଶ ।



ବାଇଗଣରେ ଥିବା ଆଣ୍ଟିଅକ୍ସିଡାଣ୍ଟ ପାଚନକ୍ରିୟା ସୁସ୍ଥ ରଖିବା ସାଙ୍ଗକୁ କ୍ୟାନସର, ମଧୁମେହ ଏବଂ ରକ୍ତଚାପ ଭଲ କରିବା ଦିଗରେ ବେଶ୍ ଲାଭଦାୟକ ।

ପାଚନକ୍ରିୟା: ବାଇଗଣରେ ଫାଇବର ମାତ୍ରା ପ୍ରଚୁର ଥାଏ । ଏହା ପାକସ୍ଥଳିକୁ ପରିଷ୍କାର କରିବା ସହ ଭୋଜନଠୁ ଠିକ୍ ଭାବେ ହଜମ କରାଇବାରେ ସାହାଯ୍ୟ କରେ ।

କ୍ୟାନସର: ବାଇଗଣରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଶରୀରରେ ରୋଗ ପ୍ରତିରୋଧକ କ୍ଷମତା ବୃଦ୍ଧିକରେ ଏବଂ କ୍ୟାନସର ଭଳି ରୋଗ ସହ ଲଢ଼ିବାରେ ସାହାଯ୍ୟ କରେ । ଏହାସହ ଶ୍ୱେତରକ୍ତ କଣିକା ଉତ୍ପାଦନରେ ସହାୟକ ହୋଇଥାଏ । ବାଇଗଣରେ ଥିବା ଆଣ୍ଟିବ୍ୟାକ୍ଟେରିଆଲ୍ ଗୁଣ ଶରୀର ଭିତରେ ହେଉଥିବା ସଂକ୍ରମଣରୁ ରକ୍ଷାକରେ ।

ମଧୁମେହ: ମଧୁମେହ ରୋଗୀଙ୍କ ପାଇଁ ବାଇଗଣ ପ୍ରକୃତରେ ବରଦାନ ସଦୃଶ । ଏଥିରେ ଥିବା ଫାଇବର ଏବଂ କାର୍ବୋହାଇଡ୍ରେଟ୍ ଶରୀରରେ ଶର୍କରାକୁ ସନ୍ତୁଳିତ କରି ରଖିଥାଏ । ଏହା ଶରୀରରେ ଇନସୁଲିନ୍ ମାତ୍ରାକୁ ବି ନିୟନ୍ତ୍ରଣ କରିଥାଏ ।

ରକ୍ତଚାପ: ବାଇଗଣରେ ଥିବା ବାୟୋଫ୍ଲେବୋନାଇଡ୍ସ ଯୋଗୁଁ ରକ୍ତଚାପ ନିୟନ୍ତ୍ରଣରେ ରହେ । ଏହା ଶରୀରରେ ରକ୍ତରୁ କୋଲେଷ୍ଟୋରଲ୍ ମାତ୍ରା ହ୍ରାସ କରିଥାଏ ।

## କଳାଲୁଣର ରୋଗ ପ୍ରତିଷେଧକ ତତ୍ତ୍ୱ

ସାଧାରଣତଃ ଜଳଖିଆ କିମ୍ବା ସାଲାଡ୍‌ର ସ୍ୱାଦ ବଢ଼ାଇବା ପାଇଁ ଆମେ କଳାଲୁଣ ବ୍ୟବହାର କରିଥାଉ । ଲୁଣ ଅପେକ୍ଷା କଳାଲୁଣର ସ୍ୱାଦ କିଛି ମାତ୍ରାରେ ଭିନ୍ନ ରହିଥାଏ । ତେବେ ଅଧିକ ଲୁଣ ଶରୀର ପ୍ରତି ହାନିକାରକ ହୋଇଥିବା ବେଳେ କଳାଲୁଣ ହୋଇଥାଏ ଲାଭଦାୟକ । ଏଥିରେ ଥିବା ମିନେରାଲ୍ ଶରୀରକୁ ଅନେକ ରୋଗରୁ ଦୂରରେ ରଖିଥାଏ ।



ପ୍ରତିଦିନ ପ୍ରାତଃ ସମୟରେ ହାଲୁକା ଗରମ ପାଣି ସହ କଳାଲୁଣ ମିଶାଇ ସେବନ କରିବା ଦ୍ୱାରା ମେଦବୃଦ୍ଧି, ଗଳାସମସ୍ୟା, ହାଡ଼ଜନିତ ସମସ୍ୟାର ସମାଧାନ ହୋଇଥାଏ । କଳାଲୁଣ ହଜମ ପ୍ରକ୍ରିୟାକୁ ଠିକ କରିବା ସହ ଶରୀରର କୋଷିକାଗୁଡ଼ିକୁ ନ୍ୟୁଟ୍ରିୟସ୍ ଯୋଗାଇଥାଏ । ଏଥିରେ ଭରପୁର ମାତ୍ରାର ମିନେରାଲ ରହିଥାଏ, ଯାହା ଚିନ୍ତାମୁକ୍ତ ରହିବାରେ ସାହାଯ୍ୟ କରେ । ଏହାକୁ ଦୈନିକ ସେବନ କରିବା ଦ୍ୱାରା ମେଦ ହ୍ରାସ ହେବା ସହ ଭଲ ନିଦ ମଧ୍ୟ ହୋଇଥାଏ । କଳାଲୁଣକୁ ଉଷୁମ ପାଣି ସହ ପିଇବା ଦ୍ୱାରା ଗଳାଜନିତ ରୋଗ ଦୂର ହୋଇଥାଏ । ଏହାଦ୍ୱାରା ଶରୀରରେ ଥିବା କ୍ଷତିକାରକ ବ୍ୟାକ୍ଟେରିଆ ନଷ୍ଟ ହୋଇଥାଏ । ଏଥିରେ ଆଇରନ ଭରପୁର ମାତ୍ରାରେ ରହିଥାଏ ଯାହା ଦ୍ୱାରା ଶରୀରରେ ରକ୍ତର ପରିମାଣ ସଠିକ୍ ରହିଥାଏ ।

## କହିପାରିବେ କି ?

(୧) ଏଚ୍‌ସିଏଲ୍ ଏକ ଏସିଡ୍ ନା ବେସ୍ ?
(୨) ଭୂପୃଷ୍ଠରେ ସବୁଠାରୁ ଦ୍ରୁତଗାମୀ ପ୍ରାଣୀ ହେଉଛି ଜେବ୍ରା । ଠିକ୍ ନା ଭୁଲ୍ ?
(୩) ସାର୍କ ମାଛ ଶରୀରରେ କେତୋଟି ହାଡ ଥାଏ ?
(୪) କେଉଁ ପ୍ରଖ୍ୟାତ ବୈଜ୍ଞାନିକ ଥିଓରିଟିକାଲ ଫିଜିକ୍ସ ପାଇଁ ୧୯୨୧ରେ ପଦାର୍ଥବିଜ୍ଞାନରେ ନୋବେଲ ପାଇଥିଲେ ?
(୫) ସ୍ୱାଧୀନ ଭାରତର କେଉଁ ବ୍ୟକ୍ତି ଆମେରିକାରେ ପ୍ରଥମେ ରାଷ୍ଟ୍ରଦୂତ ରୂପେ ଅବସ୍ଥାପିତ ହୋଇଥିଲେ ?
(୬) ସ୍ୱାଧୀନ ଭାରତର ପ୍ରଥମ ରିଜର୍ଭ ବ୍ୟାଙ୍କ୍ ଗଭର୍ଣ୍ଣର ଥିବା ସହିତ କେଉଁ ବ୍ୟକ୍ତି ପରାଧୀନ ଭାରତର ଶେଷ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଥିଲେ ?
(୭) ଏସିଆ ମହାଦେଶର ନୋବେଲ୍ ପ୍ରାଇଜ୍ ରୂପେ କେଉଁ ପ୍ରାଇଜ୍ ପରିଚିତ ଅଟେ ?
(୮) ବିଶ୍ୱ ଜନସଂଖ୍ୟା ଦିବସ କେବେ ପାଳନ ହୁଏ ?
(୯) କେଉଁ ମସିହାରେ ଭାରତର ପ୍ରଥମ ମହିଳା ଆଇ.ପି.ଏସ୍.ଙ୍କୁ ରମଣ ମାଗାସାସେ ପୁରସ୍କାର ମିଳିଥିଲା ?
(୧୦) ଭାରତ ଉପରେ ପ୍ରଥମେ କେଉଁ ଯୁରୋପୀୟ ବ୍ୟକ୍ତି ଆକ୍ରମଣ କରିଥିଲେ ?

### JUMBLE WORDS

| | | | |
|---|---|---|---|
| 1) PRCOEP | = | 6) WNUEIS | = |
| 2) PDXEUL | = | 7) RROPI | = |
| 3) ORTGU | = | 8) UHALG | = |
| 4) NFYNU | = | 9) LYWOLE | = |
| 5) VASHIL | = | 10) GSUMRI | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧. ରାଇଟ୍ ଲାଇଭ୍‌ଲି ହୁଡ୍ ଆୱାର୍ଡ, ୨. ୧୯୫୪ ମସିହା, ୩. ଫିକ୍‌ସନ ରାଇଟିଂ, ୪. ପ୍ଲାଟିପସ, ୫. ସିଂହ, ୬. ୨୪, ୭. ମଣିଷ, ୮. ଷ୍ଟେନଲେସ୍ ଷ୍ଟିଲ୍, ୯. ଗ୍ରାଫାଇଟ୍, ୧୦. ଖପୁରୀ ।

***Jumble Words* ର ଉତ୍ତର :-**

(1) SPRAWL (2) OUTAGE (3) VERGE (4) ARRAY (5) UNWIND (6) PHOBIA (7) SCOUT (8) HIKER (9) UNWED (10) COURT

# ପ୍ରଧାନମନ୍ତ୍ରୀଙ୍କ ଜନ୍ମ ଦିନ ପାଳନ ପାଇଁ 'ସେବାପକ୍ଷ' ପାଳିତ ହେବ

ଭୁବନେଶ୍ୱର : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ୭୨ତମ ଜନ୍ମଦିନ ଅବସରରେ ରାଷ୍ଟ୍ରୀୟ ଅଧକ୍ଷ ଶ୍ରୀ ଜେ.ପି.ନଡ୍ଡାଙ୍କ ନିର୍ଦ୍ଦେଶକ୍ରମେ ଶନିବାର ଠାରୁ ଆସନ୍ତା ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ୧୫ ଦିନ ଧରି 'ସେବାପକ୍ଷ' ସମଗ୍ର ଦେଶରେ ବିଭିନ୍ନ ପ୍ରକାରର ସେବା କାର୍ଯ୍ୟମାନ ଆରମ୍ଭ ହୋଇଛି । ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ଅବସରରେ ରାଜ୍ୟର ବିଜେପି କାର୍ଯ୍ୟକର୍ତ୍ତାମାନେ ମାନନୀୟ ପ୍ରଧାନମନ୍ତ୍ରୀଙ୍କୁ ଜନ୍ମଦିନର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ ବିଭିନ୍ନ ମନ୍ଦିର ଓ ଦେବାଳୟରେ ପ୍ରଦୀପ ପ୍ରଜ୍ୱଳନ କରି ତାଙ୍କର ନିରାମୟ ଓ ଦୀର୍ଘଜୀବନ କାମନା କରିଛନ୍ତି । ଏଥିସହ ଯୁବ ମୋର୍ଚ୍ଚା ତରଫରୁ ରାଜ୍ୟବ୍ୟାପୀ ରକ୍ତଦାନ ଶିବିର ଅନୁଷ୍ଠିତ କରାଯାଇ ରକ୍ତ ସଂଗ୍ରହ




କରାଯାଇଛି । ଭୁବନେଶ୍ୱର ଠାରେ ଅନୁଷ୍ଠିତ ସେବାପକ୍ଷକୁ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ଶ୍ରୀ ମହାନ୍ତିଙ୍କ ସମେତ ବହୁ କାର୍ଯ୍ୟକର୍ତା ରକ୍ତଦାନ ପାଇଁ ପଂଜୀକରଣ କରିଛନ୍ତି । 'ସେବାପକ୍ଷ' ଅବସରରେ ରାଜ୍ୟର ସମସ୍ତ ଜିଲ୍ଲାରେ ବୃକ୍ଷ ରୋପଣ, ବିଭିନ୍ନ ସେବାମୂଳକ କାର୍ଯ୍ୟ, ରକ୍ତଦାନ ଶିବିର, ସ୍ୱାସ୍ଥ୍ୟ ଶିବିର, କୃତ୍ରିମ ଅଙ୍ଗ ଓ ଉପକରଣ ପ୍ରଦାନ, ଅମୃତ ସରୋବରର ସ୍ୱଚ୍ଛତା, ଏବଂ ମୋଦିଜୀଙ୍କ ଜୀବନିକୁ ନେଇ ପ୍ରଦର୍ଶନୀମାନ ପର୍ଯ୍ୟାୟକ୍ରମେ ଅନୁଷ୍ଠିତ ହେବ । ଗୋଟିଏ ପକ୍ଷ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ଜନହିତକାରୀ ଯୋଜନାର ବର୍ତ୍ତମାନ ସାଧାରଣ ଜନତାଙ୍କ ନିକଟକୁ ପହଂଚାଇବା ପାଇଁ ପ୍ରୟାସ କରାଯିବ । ଏହି ଅବସରରେ ରାଜ୍ୟ ସାଧାରଣ ସଂପାଦକ ଡ.ଲେଖାଶ୍ରୀ ସାମନ୍ତସିଂହାର, ଜିଲ୍ଲା ସଭାପତି ବାବୁ ସିଂ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ଜଗନ୍ନାଥ ପ୍ରଧାନ, ହରେକୃଷ୍ଣ ଝୁଂଟିଆ, ରାଜ୍ୟ ମୁଖପାତ୍ର ଠାକୁର ରଣଜିତ୍ ଦାସ, ରାଜ୍ୟ ଗଣମାଧମ ସହମୁଖ୍ୟ ସୁଜିତ୍ ଦାସ୍, ଜିଲ୍ଲା ସାଧାରଣ ସଂପାଦକ ହିମାଂଶୁ ଶେଖର ଛୋଟରାୟ, ମଣ୍ଡଳ ସଭାପତି ସୁରେନ୍ଦ୍ର ପ୍ରଧାନ, ମାନସୀ ରାୟ, ତୃପ୍ତିମୟୀ ମକଦ୍ଦମ, ସୁର ଜେନା, ତାପସ ଦଳାଇ, ବିଜୟ ରାଉତ, ଜଗନ୍ନାଥ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଧାନମନ୍ତ୍ରୀଙ୍କ ଦୀର୍ଘ, ନିରାମୟ ଓ ସୁସ୍ଥ ଜୀବନ କାମନା କରି ପୋଷ୍ଟକାର୍ଡ ଜରିଆରେ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଛି । ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ଇରାଶିସ୍ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଯୁବମୋର୍ଚ୍ଚା କାର୍ଯ୍ୟକର୍ତାମାନେ ରାଜ୍ୟର ବିଭିନ୍ନ ସ୍ଥାନରେ ରକ୍ତଦାନ ଶିବିରର ଆୟୋଜନ କରିଛନ୍ତି । ଅନୁଗୁଳ, ଭଦ୍ରକ, ବାଲେଶ୍ୱର, ବରଗଡ, ବଲାଙ୍ଗିର, ବୌଦ୍ଧ, କଟକ, ଦେବଗଡ, ଢେଙ୍କାନାଳ, ଗାମ, ଘୁମୁସୁର, ଗଂଜାମ, ଜଗତସିଂହପୁର, ଯାଜପୁର, ଝାରସୁଗୁଡା, କଳାହାଣ୍ଡି, କେନ୍ଦୁଝର, ମୟୂରଭଂଜ, ନବରଙ୍ଗପୁର, ନୂଆପଡା, ରାୟଗଡା, ସମ୍ବଲପୁର, ସୁବର୍ଣ୍ଣପୁର, ରାଉରକେଲା, କନ୍ଧମାଳ, କୋରାପୁଟ ଜିଲ୍ଲାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି ।

## ଜିଏମ୍‌ୟୁରେ ଶବ୍ଦଗଙ୍ଗା ଲୋକାର୍ପିତ

ସମ୍ବଲପୁର : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ମାସିକ ଅନ୍‌ଲାଇନ୍ ସାରସ୍ୱତ ମୁଖପତ୍ର 'ଶବ୍ଦଗଙ୍ଗା'ର ଅଷ୍ଟବିଂଶତମ ସଂଖ୍ୟା ବିଭାଗମୁଖ୍ୟ ଡକ୍ଟର ଲକ୍ଷ୍ମୀପ୍ରିୟା ବେହେରା ଲୋକାର୍ପିତ କରିଛନ୍ତି । ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ ଶାନ୍ତିନିକେତନର କଳାବାରିଧି ଗବେଷକ କବି ଦିପୁନ ପୁହାଣ ଅତିଥି କବିଭାବେ ଯୋଗଦେଇ ଭାଷା ସାହିତ୍ୟର ବିକାଶ କ୍ଷେତ୍ରରେ ପତ୍ରପତ୍ରିକାର ଅମୂଲ୍ୟ ଭୂମିକା ସମ୍ପର୍କରେ ବକ୍ତବ୍ୟ ପରିବେଷଣ କରିଥିଲେ । ସ୍ନାତକୋତ୍ତର ପ୍ରଥମ ବର୍ଷ ଛାତ୍ରୀ ତାପସୀ ସରକାର 'ଶବ୍ଦଗଙ୍ଗା' ପତ୍ରିକାର ମୂଲ୍ୟବୋଧ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଛାତ୍ର ସମ୍ପାଦକ ବବୁନ ଦଣ୍ଡସେନା, ବର୍ଷାରାଣୀ ନନ୍ଦ, ଜଗନ୍ନାଥ ମେହେର, ଆଶାଜ୍ୟୋତି ଦାସ ମତବ୍ୟକ୍ତ ପ୍ରଦାନ କରିଥିଲେ । ଶେଷରେ ସୀମା ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ ।

## ଲକ୍ଷ୍ମୀ ନାରାୟଣ କଲେଜରେ ହିନ୍ଦୀ ଦିବସ

ଝାରସୁଗୁଡ଼ା : ସ୍ଥାନୀୟ ଲକ୍ଷ୍ମୀ ନାରାୟଣ କଲେଜରେ ହିନ୍ଦୀ ଭାଷା ସାହିତ୍ୟ ବିଭାଗ ପକ୍ଷରୁ କଲେଜ ଅଧକ୍ଷ ନରେନ୍ଦ୍ର ପଣ୍ଡାଙ୍କ ପୌରୋହିତ୍ୟରେ ହିନ୍ଦୀ ଦିବସ ପାଳିତ ହୋଇଛି । ଅବସରପ୍ରାପ୍ତ ହିନ୍ଦୀ ପ୍ରାଧାପକ ତଥା ବିଶିଷ୍ଟ ଭାଷାବିଦ୍ ଅଖିଳ ସିଂ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ହିନ୍ଦୀ ଭାଷାର ସୁରକ୍ଷା, ଆବଶ୍ୟକତା, ବିଭିନ୍ନତା ଭିତରେ ଏକତାର ପ୍ରତୀକ ଭାରତ ବର୍ଷରେ ହିନ୍ଦୀ କିପରି ଭାବରେ କର୍ତ୍ତବ୍ୟ ସମ୍ପାଦନ କରୁଛି ତଥା ସମ୍ପ୍ରତି ବିଭିନ୍ନ କ୍ଷେତ୍ରୀୟ ଓ ରାଷ୍ଟ୍ରୀୟ ଭାଷା କିପରି ସଙ୍କଟର ସମ୍ମୁଖୀନ ହେଉଛନ୍ତି ତାହା ଉପରେ ବୁଝାଇଥିଲେ । ବିଭାଗୀୟ ମୁଖ୍ୟ ଡ ମନିଶ ଦ୍ୱିବେଦୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ । ହିନ୍ଦୀ ଅଧାପିକା ସଂଯୁକ୍ତା ସାହା ଧନ୍ୟବାଦ ଦେଇଥିଲେ ।

## ରେଳମଣ୍ଡଳ ପକ୍ଷରୁ ସ୍ୱଚ୍ଛତା ପକ୍ଷ

ସମ୍ବଲପୁର : ସମ୍ବଲପୁର ରେଳ ମଣ୍ଡଳରେ ସ୍ୱଚ୍ଛତା ପକ୍ଷ ପାଳନ ହୋଇଛି । ୧୬ ସେପ୍ଟେମ୍ବରରୁ ୩୦ ସେପ୍ଟେମ୍ବର ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ସଚେତନତା ବାର୍ତ୍ତା, ସ୍ୱଚ୍ଛ ସମ୍ବାଦ, ସ୍ୱଚ୍ଛ ଷ୍ଟେସନ୍, ସ୍ୱଚ୍ଛ ପ୍ରସାଧନ, ସ୍ୱଚ୍ଛ ନୀର, ସ୍ୱଚ୍ଛ ପ୍ରତିଯୋଗିତା ଆୟୋଜନ ହୋଇଥିଲା । ଏହି ଅବସରରେ ଅତିରକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଆନନ୍ଦ ସିଂ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ସ୍ୱଚ୍ଛତାର ଶପଥ ପାଠ କରାଇଥିଲେ ।

## ବଂଶୀଧର କରଙ୍କ ମାତୃ ବିୟୋଗ

ସମ୍ବଲପୁର : ବିଶିଷ୍ଟ ସମାଜସେବୀ ତଥା କମ୍ୟୁନିଟି ପୁଲିସର ମୁଖ୍ୟ କମାଣ୍ଡର ବଂଶୀଧର କରଙ୍କ ମାତା ସାରାରାଣୀ କରଙ୍କ ୯୫ ବର୍ଷ ବୟସରେ ପରଲୋକ ହୋଇଯାଇଛି । ତାଙ୍କ



ମୃତ ଶରୀରକୁ ଜନ୍ମସ୍ଥାନ କେନ୍ଦ୍ରାପଡ଼ା ଜିଲ୍ଲା ଡ଼େରାବିଶ ବ୍ଲକ ଇନ୍ଦାଲୋ ଗ୍ରାମ ପଞ୍ଚାୟତ ବାମ୍ବିଲୋ ଗ୍ରାମକୁ ନିଆଯାଇ ସେଠାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା ।

## ଲେଡିଲୁଇସ୍‌ରେ ସ୍ୱଚ୍ଛତା ପକ୍ଷ

ସମ୍ବଲପୁର : ଲେଡିଲୁଇସ୍ ବାଳିକା ହାଇସ୍କୁଲରେ ସ୍ୱଚ୍ଛତା ପକ୍ଷ ଉଦ୍‌ଯାପିତ ହୋଇଛି । ପ୍ରଧାନ ଶିକ୍ଷକ ଉଜାଗର ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜେନ୍ଦ୍ର ପଣ୍ଡା ଓ ଅତିଥିଭାବେ ଉଦିତ ପାଙ୍ଗଯୋଶୀ ଓ ପଦ୍ମନାଭ ମହାକୁଡ ଯୋଗଦେଇଥିଲେ । ସ୍ୱଚ୍ଛତା ପକ୍ଷ ଉପରେ ଆଲୋଚନା ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମକୁ ଅନୁପମା ପଣ୍ଡା ସଂଯୋଜନା କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଶେଷରେ ସ୍ୱାଗତିକା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ମହିଳା କଲେଜରେ ଆର୍ନ୍ତଜାତିକ ଗଣତନ୍ତ୍ର ଦିବସ

ସମ୍ବଲପୁର : ସରକାରୀ ମହିଳା କଲେଜରେ କଲେଜ ଅଧକ୍ଷ




ପ୍ରଫେସର ଡ.ରାଜଶ୍ରୀ ବରାଳଙ୍କ ସଭାପତିତ୍ୱରେ ଆର୍ନ୍ତଜାତିକ ଗଣତନ୍ତ୍ର ଦିବସ ପାଳିତ ହୋଇଛି । ଏଥିରେ ଜିଲ୍ଲାପାଳ ଅନନ୍ୟା ଦାଶ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଗଣତନ୍ତ୍ରର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ । ଅଧକ୍ଷା ପ୍ରଫେସର ଶ୍ରୀମତୀ ବରାଳ ସ୍ୱଗତ ଭାଷଣ ପ୍ରଦାନ କରି ଚଳିତ ବର୍ଷର ଥିମ୍ ଗଣତନ୍ତ୍ର ସୁରକ୍ଷାରେ ସମ୍ବାଦପତ୍ରର ଭୂମିକା ଉପରେ ମତ ରଖି ଦିବସର ତାତ୍ପର୍ଯ୍ୟ ଓ ଆହ୍ୱାନ ସଂପର୍କରେ ଅବଗତ କରାଇଥିଲେ । କଲେଜ ପ୍ରଶାସନିକ ଅଧିକାରୀ ପ୍ରଫେସର ଉମାଶଙ୍କର ଦାଶ ଅତିଥି ପରିଚୟ ପ୍ରଦାନ କରିଥବା ବେଳେ ସହକାରୀ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ସଂଯୋଜନା କରି ଶେଷରେ ଧନ୍ୟବାଦ ଦେଇଥିଲେ ।

## ଆଇଆଇଏମ୍ ପକ୍ଷରୁ ରକ୍ତଦାନ ଶିବିର

ବୁର୍ଲା : ଆଇଆଇଏମ- ସମ୍ବଲପୁର ତରଫରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି । ଆଇଆଇଏମ ସୋସିଆଲ କ୍ଲବ 'ସଂକଳ୍ପ' ତରଫରୁ ଆୟୋଜିତ 'ଗିଭ ବ୍ଲଡ଼ ଗିଭ୍ ଲଭ୍' ବିଷୟକଶିବିରରେ ଆଇଆଇଏମ ଛାତ୍ରଛାତ୍ରୀ, ଫାକଲ୍ଟି ଏବଂ କର୍ମଚାରୀମାନେ ରକ୍ତଦାନ କରିଥିଲେ । ଶିବିରରେ ସମୁଦାୟ ୮୬ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା ।

## ଦ୍ରୁତ ଗତି ଓ ବୁଲା ଗୋରୁ ଯୋଗୁଁ ଦୁର୍ଘଟଣା

ଝାରସୁଗୁଡ : ରାସ୍ତା ଉପରେ ବୁଲା ଗୋରୁ ଗାଈଙ୍କୁ ନେଇ ଅଧିକାଂଶ ସ୍ଥାନରେ ଦୁର୍ଘଟଣା ଘଟିବା ସହ କୋଇଲା ଏବଂ ମାଲ ପରିବହନକାରୀ ଭାରୀଯାନ, ଟ୍ରକ ଆଦି ବେପରୁଆ ଭାବେ ଦ୍ରୁତ ଗତିରେ ଚାଳନା ଯାତ୍ରୀଙ୍କ ପାଇଁ କାଳ ହେଉଛି । ତଥାପି ଜିଲ୍ଲା ପ୍ରଶାସନ ଏବଂ ସଡ଼କ ପରିବହନ ବିଭାଗର ଏ ଦିଗରେ ଦୃଷ୍ଟି ପଡୁ ନହିଁ । ରାଜପଥ କଡ଼ରେ ବେଆଇନ ପାର୍କିଂ ସାଙ୍ଗକୁ ଦ୍ରୁତ ଗତିରେ ଗାଡ଼ି ଚାଳନା ଉପରେ ରୋକ ଲାଗି ପାରୁନାହିଁ । ଗତ ଶୁକ୍ରବାର ଝାରସୁଗୁଡ଼ା ସହର ଉପକଣ୍ଠରେ ବାଇପାସ ବିଜୁ ଏକ୍ସପ୍ରେସ ଓ୍ୱେରେ ଘଟିଥିବା ମର୍ମନ୍ତୁଦ ଦୁର୍ଘଟଣାରେ ୭ ଜଣ ଶ୍ରମିକ କର୍ମଚାରୀଙ୍କ ଅକାଳ ମୃତ୍ୟୁ ଘଟଣାରୁ ଜିଲ୍ଲା ପ୍ରଶାସନ ଏବଂ ସଡ଼କ ଓ ପରିବହନ ବିଭାଗ କିଛି ଶିକ୍ଷାଲାଭ କରିବ କି ବୋଲି ପ୍ରଶ୍ନ ହେଉଛି ।

ଜିଲ୍ଲା ସଡ଼କ ସୁରକ୍ଷା ସମିତିର ବୈଠକରେ ସଡ଼କ ଦୁର୍ଘଟଣାରେ ଧନ ଜୀବନହାନୀକୁ ନେଇ ସବୁବେଳେ ଉଦ୍‌ବେଗ ପ୍ରକାଶ ପାଇ ଆସିଛି । ଦୁର୍ଘଟଣା ରୋକିବା ସହ ଜୀବନହାନୀ କିଭଳି ନ ହେବ ସେଥିଲାଗି ପଦକ୍ଷେପ ନିଆଯାଉଥିବା କୁହାଯାଇ ଆସୁଛି । ମାତ୍ର ଏସବୁ ଆଲୋଚନା ଏବଂ ତାଗିଦର କୌଣସି ସୁଫଳ ମିଳୁନାହିଁ । ରାଜପଥ କଡ଼ରେ ବେଆଇନ ପାର୍କିଂକୁ ସଡ଼କ ଓ ପରିବହନ ବିଭାଗ ରୋକିବାରେ ସମ୍ପୂର୍ଣ୍ଣ ବିଫଳ ରହିଛି । ରାସ୍ତା ଉପରୁ ବୁଲା ଗୋରୁଗାଈଙ୍କୁ ହଟାଇବା ସତେ ଯେପରି କାହାରି ଦାୟିତ୍ୱ ନୁହେଁ ଏଭଳି ଧାରଣା ସୃଷ୍ଟି ହେବାରେ ଲାଗିଛି । ଦ୍ରୁତ ଗତିରେ ଗାଡ଼ି ଚାଳନା ଉପରେ କୌଣସି କଟକଣା ନାହିଁ । ବିନା ଲାଇସେନ୍ସରେ ହେଲପର୍‌ମାନେ କୋଇଲା ବୋଝେଇ ଟ୍ରକ୍ ଅବାଧରେ ଚଳାଉଛନ୍ତି । କୌଣସି କୋଇଲା ବୋଝେଇ ଟ୍ରକରେ ମାଲିକମାନେ ହେଲପର ରଖୁ ନ ଥିବା ଦେଖାଯାଉଛି । କୋଇଲା ପରିବହନକାରୀ ଟ୍ରକ ଏବଂ ଭାରୀଯାନ ଗୁଡ଼ିକର ଫିଟନେସ କଥା ନ ପଚାରିବା ଭଲ । ଅଧିକାଂଶ ଭାରୀଯାନରେ ବ୍ୟାକ ଲାଇଟ୍ ନାହିଁ କି ପଛରେ ରେଡିୟମ ଷ୍ଟ୍ରିପ୍ ମଧ ଲଗାଯାଉ ନାହିଁ । ଯାନ୍ତ୍ରିକ ତ୍ରୁଟି ଅଧିକାଂଶ ଗାଡ଼ିର ରହୁଛି । ଏଭଳି ଅବସ୍ଥାରେ ଚଳାଚଳ କରୁଥିବା କୋଇଲା ପରିବହନକାରୀ ଏବଂ ମାଲବୋଝେଇ ଭାରୀଯାନ ଓ ଟ୍ରକ୍ ଗୁଡ଼ିକ ଜିଲ୍ଲା ଦେଇ ଯାଇଥିବା ଜାତୀୟ ରାଜପଥ-୪୯ ଏବଂ ରାଜ୍ୟ ରାଜପଥ-୧୦କୁ ମରଣଯନ୍ତା ରୂପେ ସଜେଇ ଦେଇଛି । ଯାତ୍ରୀଙ୍କ ଜୀବନ ତୁଛାରେ ଚାଲି ଯାଉଛି । ବାଇପାସରେ ପାଓ୍ୱାର ହାଉସ ଛକରେ ଯେଉଁ ଦୁର୍ଘଟଣା ଘଟିଲା ସେଥିରେ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପର ୭ ଜଣ ଶ୍ରମିକ କର୍ମଚାରୀଙ୍କ ମୃତ୍ୟୁ ହୋଇଥିବା ବେଳେ ବହୁ ସଂଖ୍ୟକ ଆହତ ହୋଇଛନ୍ତି । ଶ୍ରମିକ କର୍ମଚାରୀଙ୍କୁ ନେଇ ଝାରସୁଗୁଡ଼ା ଆସୁଥିବା ବସ୍‌କୁ ଏକ କୋଇଲା ପରିବହନକାରୀ ଭାରୀଯାନ ଗୋରୁ ଦ୍ୱୟଙ୍କୁ ଧକ୍କା ଦେବା ପରେ ଭାରସାମ୍ୟ ହରାଇ ଡିଭାଇଡର ଡେଇଁ ଆର ପାର୍ଶ୍ୱରେ ଧକ୍କା ଦେଇଥିଲା । ଯାହା ଫଳରେ ଏଭଳି ମୃତ୍ୟୁର ତାଣ୍ଡବ ଘଟିଛି ।

**ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା**

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

**Subscription Rate of The Sweekar**

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

**Advertisement Tariff of The Sweekar**

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ପଶ୍ଚିମ ଓଡ଼ିଶାର ମହାନ୍ ଗଣପର୍ବ 'ନୂଆଁଖାଇ' ଦେଶ ବିଦେଶରେ ଧୂମଧାମ୍‌ରେ ପାଳିତ





ସମ୍ବଲପୁର : ନୂଆଁଖାଇ ବର୍ତ୍ତମାନ କେବଳ ପଶ୍ଚିମ ଓଡ଼ିଶାରେ ସୀମିତ ନ ରହି ଦେଶର ବିଭିନ୍ନ ସ୍ଥାନରେ ପାଳିତ ହେବା ସାଙ୍ଗକୁ ବିଦେଶରେ ମଧ ପାଳିତ ହେଉଛି । ପଶ୍ଚିମ ଓଡ଼ିଶାରେ ନୂଆଁଖାଇ ଭାଦ୍ରବ ମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ପାଳିତ ହେବା ପରେ ପରେ ନୂଆଁଦିଲ୍ଲୀ, ହାଇଦ୍ରାବାଦ, ବାଙ୍ଗାଲୁର ସମେତ ଦୁବାଇ, ଆମେରିକା ଓ ନ୍ୟୁଜିଲାଣ୍ଡରେ ମଧ ପ୍ରବାସୀ ଓଡ଼ିଆମାନଙ୍କ ପକ୍ଷରୁ ମହାସମାରୋହରେ ପାଳିତ

ଭବାନୀ ଦୀକ୍ଷିତ ଏହି ସମାରୋହର ପରିଚାଳନା କରିଥିଲେ । ଏହି ଅବସରରେ ଅନୁଷ୍ଠାନର ବାର୍ଷିକ ସ୍ମରଣିକା 'ଜୁହାର ସୁରତା' ମଧ ଉନ୍ମୋଚିତ ହୋଇଥିଲା । ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମଧରେ ଅନେକ ଲୋକପ୍ରିୟ ସମ୍ବଲପୁରୀ ନୃତ୍ୟ ମଧ ପ୍ରଦର୍ଶନ କରାଯାଇଥିଲା ।

ଏହାଛଡ଼ା ନୂଆଦିଲ୍ଲୀର 'ମିଳନ ପରିବାର' ପକ୍ଷରୁ ଆୟୋଜିତ ନୂଆଁଖାଇ ଭେଟ୍‌ଘାଟ ଉତ୍ସବରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ

କାର୍ଯ୍ୟକ୍ରମରେ ରୁକୁ ସୁନା, ଭାରତ ଗୌରବ ଦାଶ ଓ ଦଳ, ଭବାନୀପାଟନାର ପ୍ରତିଭା ଅନୁଷ୍ଠାନ ସମେତ ସମ୍ବଲପୁରୀ ଫେସନ ଡିଜାଇନର ସମୀତ କର ସେମାନଙ୍କର ପ୍ରତିଭା ପ୍ରଦର୍ଶନ କରିଥିଲେ । ପଶ୍ଚିମ ଓଡ଼ିଶାର ପାରମ୍ପରିକ ଖାଦ୍ୟ ପ୍ରସ୍ତୁତ କରାଯାଇ ସମସ୍ତଙ୍କୁ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ଅନୁଷ୍ଠାନର ସଭାପତି ଶୋଭନ ଦାଶ, ଉପସଭାପତି ପ୍ରିୟ ନାୟକ, ସଚିବ ସତ୍ୟଜିତ ଚଇନି, ସୁଦୀପ୍ତ ପଣ୍ଡାଙ୍କ ସମେତ ସମସ୍ତ ସଦସ୍ୟ ଓ

ସ୍ୱତନ୍ତ୍ର ନୃତ୍ୟଗୀତ ପରିବେଷଣ କରିଥିଲେ । ସମ୍ବଲପୁରୀ ଗୀତ, ନୃତ୍ୟ ଓ ଫ୍ୟାଶନ ସୋ ମଧ ପ୍ରଦର୍ଶିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ପାଇଁ ଆବୁଧାବିରୁ ଏକ ସ୍ୱତନ୍ତ୍ର ଟିମ୍ ମଧ ଆସିଥିଲା । ଫେସବୁକ ଓ ୟୁଟ୍ୟୁବ୍ ଲାଇଭ ଜରିଆରେ ସାରା ବିଶ୍ୱରୁ ଦର୍ଶକମାନେ ନୂଆଁଖାଇ ଭେଟଘାଟରେ ଯୋଗ ଦେଇଥିଲେ । ପାରମ୍ପରିକ ଖାଦ୍ୟ 'ଆମ୍ବିଲ' ସମସ୍ତଙ୍କୁ ପସନ୍ଦ ଆସିଥିଲା । ନୂଆଁଖାଇ ଭେଟଘାଟ ଅବସରରେ ଏକ ସମ୍ବଲପୁରୀ କ୍ୟାଲେଣ୍ଡର

ଅଧକ୍ଷା ଶ୍ରୀମୟୀ ମିଶ୍ର, କୃଷି ଓ କୃଷକ ସଶକ୍ତିକରଣ, ହସ୍ତତନ୍ତ ବୟନ ଓ ହସ୍ତଶିଳ୍ପ ବିଭାଗର ପ୍ରମୁଖ ଶାସନ ସଚିବ ଡକ୍ଟର ଅରବିନ୍ଦ କୁମାର ପାଢ଼ୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ନୂଆଖାଇ ପର୍ବର ସ୍ୱାତନ୍ତ୍ର୍ୟ, ନବାନ୍ନ ଅର୍ପଣ ବିଧି, ସନ୍ଦେଶ ଓ ପାଳନର ବ୍ୟାପକତା ଇତ୍ୟାଦି ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ । ଅରବିନ୍ଦ ଅଗ୍ରୱାଲ ଭେଟଘାଟ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିମଳେନ୍ଦ୍ର ରାୟ ଓ ମନୀଷ




ହୋଇଯାଇଛି । ଏହାଛଡ଼ା ଆଗାମୀ ଦିନରେ ମଧ ଯୁକ୍ତରାଷ୍ଟ୍ର ଆମେରିକା ସମେତ ଓଡ଼ିଶାର ବିଭିନ୍ନ ସ୍ଥାନରେ ପାଳନ କରାଯିବାର କାର୍ଯ୍ୟକ୍ରମ ରହିଛି ।

ନୂଆଦିଲ୍ଲୀ ଠାରେ ନୂଆଁଖାଇ ଜାତୀୟ ପାଳନ କମିଟୀ ପକ୍ଷରୁ ହଜଖସ୍ ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଡକ୍ଟର ପ୍ରମୋଦ କୁମାର ମିଶ୍ର ଏଥିରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ । ଅବସରପ୍ରାପ୍ତ ଆଇ.ଏସ୍. ଅନୁପ ପୂଜାରୀଙ୍କ ସମେତ ଏଥିରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ । ଏହି



ମଧ ଉନ୍ମୋଚିତ ହୋଇଥିଲା । ଆଇଏଫଏସ ଅଧିକାରୀ ତାଡୁ ମାମୁ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶାର ଦୁଇ କଳାକାର କବି ତଥା ସଙ୍ଗୀତ ସଂଯୋଜକ ଦୁର୍ଗା ମାଧବ ପଣ୍ଡା ଓ କମେଡି ଷ୍ଟାର ଯୋଗେଶ ଜୋଜୋ ଯୋଗ ଦେଇଥିଲେ ।

ସେହିପରି ସ୍ୱିଜରଲ୍ୟାଣ୍ଡରେ ରହୁଥିବା ଓଡ଼ିଆ ପରିବାର ପକ୍ଷରୁ ମଧ ନୂଆଁଖାଇ ଉତ୍ସବ ଜାକ୍‌ଜମକରେ ପାଳିତ ହୋଇଥିଲା । ଅଯୋଧା ପାଢ଼ୀଙ୍କ ନେତୃତ୍ୱରେ ଏହି ଉତ୍ସବ ଆୟୋଜନ କରାଯାଇଥିଲା ।

ଅଗ୍ରୱାଲ ସହଯୋଗ କରିଥିଲେ । ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗର ନିର୍ଦ୍ଦେଶକ ଶ୍ରୀ ଇନ୍ଦ୍ରମଣି ତ୍ରିପାଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଓ ଅନୁପମ ଶାହା ଧନ୍ୟବାଦ ଅର୍ପଣ କରିଥିଲେ । ସ୍ପିରିଟପ୍ଲା ଏକାଡେମୀ ଅଫ ପରଫର୍ମି ଆର୍ଟ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

ସମ୍ବଲପୁର ଜିଲା ପ୍ରଶାସନ ଓ ଜିଲା ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ ଆୟୋଜିତ ହୋଇଯାଇଛି । ଏଥିରେ କୁଚିଣ୍ଡା ବିଧାୟକ କିଶୋର ନାଏକ, ଜିଲା





ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେବା ପରେ ସମସ୍ତଙ୍କୁ ପ୍ରସାଦରେ ଆପ୍ୟାୟିତ କରାଯାଇଥିଲା ।

ସେହିପରି ନୂଆଁଦିଲ୍ଲୀର 'ଜୁହାର' ପରିବାର ପକ୍ଷରୁ ନୂଆଁଖାଇ ପରବ ପାଳିତ ହୋଇଯାଇଛି । ଏଥିରେ କେନ୍ଦ୍ର ଆଦିବାସୀ ବ୍ୟାପାର ଓ ଜଳଶକ୍ତି ରାଷ୍ଟ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ମୁଖ୍ୟ ଅତିଥି, ଓଡ଼ିଶା ଚଳଚ୍ଚିତ୍ର ବିକାଶ ନିଗମର ଅଧକ୍ଷ କୁନା ତ୍ରିପାଠୀ ଓ କେରଳର ବରିଷ୍ଠ ଆଇପିଏସ୍ ଅଧିକାରୀ ସଂଜୀବ ପାଟଯୋଶୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ପ୍ରଖ୍ୟାତ ନାଟ୍ୟକାର, କବି ଓ ଲେଖକ ବିନୋଦ କୁମାର ପଶାୟତ ଏବଂ ମାନସିକ ରୋଗୀଙ୍କ ପାଇଁ କାମ କରୁଥିବା ସୁନ୍ଦରଗଡ଼ର ସମାଜସେବୀ ସ୍ନେହଲତା ପଟେଲଙ୍କୁ 'ଜୁହାର ସମ୍ମାନ' ପ୍ରଦାନ କରାଯାଇଥିଲା । ପ୍ରଖ୍ୟାତ ନାଟ୍ୟକାର ତଥା ଅଭିନେତା ଅଟଳ ବିହାରୀ ପଣ୍ଡାଙ୍କ ସ୍ମୃତିରେ ଆରମ୍ଭ ହୋଇଥିବା ଜୁହାର ଅଟଳ ସମ୍ମାନରେ ଅଭିନେତା ତଥା ନାଟ୍ୟକାର ପୁରୁଷୋତ୍ତମ ମିଶ୍ର ଏବଂ ନାଟ୍ୟଶ୍ରୀ ଗଦାଧର ବାରିକଙ୍କୁ ସମ୍ମାନିତ କରାଯାଇଥିଲା । ରାଜଧାନୀ ଦିଲ୍ଲୀ ଜୁହାର ପରିବାର ସଭାପତି ରଞ୍ଜନ ପ୍ରଧାନ, ବରିଷ୍ଠ ସଦସ୍ୟ



ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ । ପୂର୍ବତନ ସାଂସଦ ଶ୍ରୀ ଅନନ୍ତ ନାୟକ ଓ ଓଡ଼ିଶାର ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକ ମଧ ଏଥିରେ ଯୋଗ ଦେଇଥିଲେ ।

ବେଙ୍ଗାଲୁରୁରେ ମଧ 'ଜୁହାର ପରିବାର' ପକ୍ଷରୁ ୨୩ତମ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଛି । ଏହି ଉତ୍ସବରେ ବେଙ୍ଗାଲୁରୁ ସେଣ୍ଟ୍ରାଲ ସାଂସଦ ପି.ସି ମୋହନ ମୁଖ୍ୟଅତିଥି ଓ ଓଡ଼ିଶା ଭାଜପା ଯୁବ ମୋର୍ଚ୍ଚା ସଭାପତି ଇରାଶିଷ ଆଚାର୍ଯ୍ୟ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ଏହି ଉତ୍ସବରେ ପ୍ରାୟ ୩ହଜାର ପ୍ରବାସୀ ଓଡ଼ିଆଙ୍କ ସମାଗମ ହୋଇଥିଲା । ଏହି ଅବସରରେ ସମ୍ବଲପୁରୀ ଏବଂ କର୍ଣ୍ଣାଟକ ସଂସ୍କୃତିର ସମ୍ମିଶ୍ରଣ କରାଯାଇଥିବା ବେଳେ ୧୦୦ କଳାକାର ସେମାନଙ୍କର ପ୍ରତିଭା ପ୍ରଦର୍ଶନ କରିଥିଲେ ।

ସଦସ୍ୟା ସକ୍ରିୟ ଭୂମିକା ଗ୍ରହଣ କରିଥିଲେ ।

ଦୁବାଇରେ ୟୁଏଇ ନୂଆଁଖାଇ ପରିବାର ପକ୍ଷରୁ ଭାରତୀୟ ଦୂତାବାସରେ ନୂଆଁଖାଇ ଭେଟଘାଟ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ପ୍ରତ୍ୟେକ ବ୍ୟକ୍ତି ସମ୍ବଲପୁରୀ ପୋଷାକ ପିନ୍ଧିଥିଲେ । ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ଆରତୀ ସହିତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ପ୍ରଥମେ ନୂଆଁ ଚାଉଳକୁ ମା' ସମଲେଶ୍ୱରୀଙ୍କ ନିକଟରେ ଲାଗି କରାଯାଇଥିଲା । ଏହାପରେ ସମସ୍ତେ ମିଳିମିଶି ଏକାଠି ନବାନ୍ନ ଖାଇଥିଲେ । ବରଗଡ଼ ଜିଲା ବିଜେପୁରରୁ ସ୍ୱତନ୍ତ୍ର ଭାବେ ଏହି ନୂଆଁ ଧାନ ଅଣାଯାଇଥିଲା । ଏହା ପରେ ସମସ୍ତେ ପରସ୍ପରକୁ 'ନୂଆଁଖାଇ ଜୁହାର' ଅଭିବାଦନ ଜଣାଇଥିଲେ ।

ଦୁବାଇରେ ରହୁଥିବା ପ୍ରବାସୀ ଓଡ଼ିଆମାନେ

ଭୁବନେଶ୍ୱରରେ କାର୍ଯ୍ୟରତ ପ୍ରଶାସକ ତଥା ପଦାଧିକାରୀମାନଙ୍କ ପକ୍ଷରୁ ଭୁବନେଶ୍ୱର କ୍ଲବରେ ନୂଆଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟ ଜଳ, ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ ।

ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ଓ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧକ୍ଷ ଅସିତ କୁମାର ତ୍ରିପାଠୀଙ୍କ ଅଧକ୍ଷତାରେ ଆୟୋଜିତ ଏହି ଉତ୍ସବରେ ଜଳସଂପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନୀ ସାହୁ, ଯୋଜନା ଓ ସଂଯୋଜନ ମନ୍ତ୍ରୀ ରାଜେନ୍ଦ୍ର ଢ଼ୋଲକିଆ, ଉଚ୍ଚ ଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ରୀତା ସାହୁ, ଓଡ଼ିଶା ପର୍ଯ୍ୟଟନ ବିକାଶ ନିଗମର ପୂର୍ବତନ

ପରିଷଦ ଅଧକ୍ଷ କୁମୁଦିନୀ ନାୟକ, ଜିଲାପାଳ ଅନନ୍ୟା ଦାସ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଉମାକାନ୍ତ ରାଜ ଏବଂ ଅତିରିକ୍ତ ଜିଲାପାଳ (ସାଧାରଣ) ଅଜାମ୍ବର ମହାନ୍ତି, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦିଲୀପ କୁମାର ବଳ ପ୍ରମୁଖ ଯୋଗ ଦେଇଥିଲେ । ଜିଲା ସଂସ୍କୃତି ଅଧିକାରୀ ଦୀପକ କୁଲୁ ସ୍ୱାଗତ ଭାଷଣ ଦେଇଥିଲେ । ଏହି ଅବସରରେ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ, ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ ଏବଂ ଜିଲା କଳା ସଂସ୍କୃତି ସଂଘ ସମ୍ବଲପୁରର ସମ୍ବଲପୁରର ଉପସଭାପତି ଡକ୍ଟର ମୋହିତ କୁମାର ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବୈଠକ ପରେ ମହାର ଟିମ ମ୍ୟୁଜିକ, ଅଦୃଶ୍ୟ ନାଟ୍ୟ ଆଶ୍ରମ, ବୟଦୀ କଳାକ୍ଷେତ୍ର ଗ୍ରୁପ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663- 2950945
e-mail: hemantamahapatra@yahoo.com Editor : Hemanta Kumar Mahapatra